ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୨୬ ଫେବୃୟାରୀ, ୨୦୨୨



# ନିର୍ବାଚନ ଦେଖାଇଲା ଜିଲା ବିକାଶର ବିକଳ ଚିତ୍ର

**କେନ୍ଦ୍ରାପଡା ଅଫିସ, ୨୫।୨**

ଚଳିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ସରିଛି। ଏହି ନିର୍ବାଚନ କେନ୍ଦ୍ରାପଡ଼ା ଜିଲା ବିକାଶର ବିକଳ ଚିତ୍ରକୁ ପୁଣି ଥରେ ଆଗକୁ ଆଣିଛି। ନିର୍ବାଚନ ପରିଚାଳନା ପାଇଁ ୫୨ଟି ଅସ୍ଥାୟୀ ମତଦାନ କେନ୍ଦ୍ର ସ୍ଥାପନ ହୋଇଥିଲା। ତେବେ ବାସ୍ତବ ତଥ୍ୟ ହେଉଛି ଯେ, ବହୁ ଗ୍ରାମକୁ ଗମନାଗମନ ସହଜଲଭ୍ୟ ନୁହେଁ। ନଦୀରେ ସେତୁ ନିର୍ମାଣକୁ ଛାଡି ଜିଲାରେ କେବଳ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ୮୧୩୮ଟି ଗ୍ରାମ ସଡକ ପ୍ରକଳ୍ପ କାର୍ଯ୍ୟ ସରିନାହିଁ। ପ୍ରବାସୀମାନେ କର୍ମନିଯୁକ୍ତିକୁ ଅଧିକ ଗୁରୁତ୍ୱ ଦେଇ ଚଳିତ ନିର୍ବାଚନରେ ମତଦାନଠାରୁ ଦୂରେଇ ରହିଛନ୍ତି। ସବୁ ଜୋନ୍‌ରେ ମହିଳାଙ୍କ ଭୋଟ ହାର ଅଧିକ ହୋଇଥିବା ବେଳେ ଆର୍ଥିକ ସ୍ଥିତି ସୁଧାରିବା ଲୋକ ପ୍ରତିନିଧିଙ୍କ ପାଇଁ ଚ୍ୟାଲେଞ୍ଜ ବୋଲି ସାମାଜିକ କର୍ମୀ ଓ ରାଜନୈତିକ ବିଶ୍ଳେଷକ ମତ ଦେଇଛନ୍ତି। ଜିଲାରେ ଭୋଟରଙ୍କ ସଂଖ୍ୟା ୧୧,୪୮,୦୪୬। ଚଳିତ ନିର୍ବାଚନରେ ପୁରୁଷ ୭୦.୯୫ ଓ ମହିଳା ୭୮.୬୯ ପ୍ରତିଶତ ମତଦାନ କରିଛନ୍ତି। ଜିଲାର କେନ୍ଦ୍ରାପଡ଼ା, ଡେରାବିଶ, ମାର୍ଶାଘାଇ ଓ ଗରଦପୁର ବ୍ଲକ ଅଞ୍ଚଳରେ ୩ରୁ ୪ ପ୍ରତିଶତ ମହିଳା ଅଧିକ ଭୋଟ ଦେଇଛନ୍ତି। ତେବେ ପ୍ରବାସୀ ବ୍ଲକ ଅଞ୍ଚଳ ଭାବେ ପରିଚିତ ହୋଇଥିବା ଆଳି, ପଟ୍ଟାମୁଣ୍ଡାଇ, ରାଜକନିକା, ରାଜନଗର ଓ ମହାକାଳପଡ଼ାରେ ମହିଳାଙ୍କ ଭୋଟ ବ୍ୟବଧାନ ୭ରୁ ୧୬ ପ୍ରତିଶତ ପୁରୁଷ ଭୋଟରଙ୍କଠାରୁ ଅଧିକ ରହିଛି।



ରାଜନଗରର ଏକ ଅସ୍ଥାୟୀ ବୁଥ୍।

ଏ ସମ୍ପର୍କରେ ସାମାଜିକ କର୍ମୀ ବାନାମ୍ବର ସହୁ କହିଛନ୍ତି, ଜିଲାର ଆର୍ଥିକ ସ୍ଥିତି ଦୁର୍ବଳ। ଲୋକସମ୍ବଳ ବିନିଯୋଗ ପାଇଁ ସ୍ୱତନ୍ତ୍ର ଯୋଜନା ନାହିଁ। କର୍ମନିଯୁକ୍ତି ପାଇଁ ପୁରୁଷ ଭୋଟର ପ୍ରବାସକୁ ଅଧିକ ଗୁରୁତ୍ୱ ଦେଇଛନ୍ତି। ମହିଳା ସଶକ୍ତୀକରଣ ଯୋଜନା ଭୋଟ ପ୍ରଦାନ ପାଇଁ ବାଟ ଖୋଲିଛି। ରାଜନୈତିକ ସଚେତନତା ଅପେକ୍ଷା ଗୋଷ୍ଠୀକୁ ଆସୁଥିବା ଅନୁଦାନ ମହିଳା ଭୋଟ ହାରକୁ ଅଧିକ କରିଛି। ରାଜନୈତିକ ବିଶ୍ଳେଷକ ଭୁବନ ମୋହନ ଜେନା କହିଛନ୍ତି, ଚଳିତ ନିର୍ବାଚନରେ ଜିଲାର ୫ ବ୍ଲକ ଅଞ୍ଚଳରେ ଦାଦନ ସମସ୍ୟାର ଛବି ପ୍ରତିଫଳିତ ହୋଇଛି। କରୋନା ସଂକ୍ରମଣ ସମୟରେ ପୀଡିତ ପ୍ରବାସୀ ନିର୍ବାଚନ ପ୍ରକ୍ରିୟାକୁ ଅଣଦେଖା କରିବା ସ୍ୱାଭାବିକ। ଜିଲାର ୮ ପ୍ରତିଶତ ମହିଳା ଭୋଟ ହାର ବୃଦ୍ଧି ଏହାର କାରଣ ହୋଇଥିବା ବେଳେ ଲୋକ ପ୍ରତିନିଧିଙ୍କୁ ସଚେତନ ହେବା ସମୟ ଆସିଛି। ଆଗାମୀ ସାଧାରଣ ନିର୍ବାଚନରେ ଜିଲାର ଆର୍ଥିକ ସ୍ଥିତି ସୁଧାର ଏକ ପ୍ରସଙ୍ଗ ହେବ। ଏ ସମ୍ପର୍କରେ ବିଜେଡି ଜିଲା ସଭାପତି ଉତ୍କଳ କେଶରୀ ପରିଡା କହିଛନ୍ତି, ବିଜୁବାବୁଙ୍କ ସ୍ୱପ୍ନକୁ ରାଜ୍ୟ ସରକାର ପୂରଣ କରିଛନ୍ତି। ମହିଳା ସଶକ୍ତୀକରଣ ଏକ ଆନ୍ଦୋଳନର ରୂପ ନେଇଛି। ମହିଳାମାନେ ସ୍ୱାବଲମ୍ବୀ ହେବା ସହ ରାଜନୈତିକ କାର୍ଯ୍ୟକ୍ରମରେ ସାମିଲ ହୋଇଛନ୍ତି। ଗଣତନ୍ତ୍ରର ଏହି ମହାନ ପର୍ବରେ ଅଧିକ ପ୍ରତିଶତ ସାମିଲ ହୋଇ ଉଦାହରଣ ସୃଷ୍ଟି କରିଛନ୍ତି। ଭାଜପା ଜିଲା ସଭାପତି କିଶୋର କୁମାର ପଣ୍ଡା କହିଛନ୍ତି, ନିର୍ବାଚନରେ ମହିଳାଙ୍କ ଅଧିକ ଯୋଗଦାନ ଗଣତନ୍ତ୍ରକୁ ସୁଦୃଢ଼ କରିଛି। ଏହା କେନ୍ଦ୍ର ସରକାରଙ୍କ ମହିଳା ସଶକ୍ତୀକରଣ ଓ ଜନ ଆନ୍ଦୋଳନର ଫଳ। ବିଗତ ଦିନରେ ଏହି ଜିଲାରେ ଭାଜପାର ଅସ୍ତିତ୍ୱ ଅଳ୍ପ ମାତ୍ରାରେ ଥିଲା। ତେବେ ଗତ ୨୨ ବର୍ଷର ରାଜ୍ୟ ଶାସନ ପ୍ରତି ବିମୁଖ ହୋଇ ଭାଜପା ଓ ଏହାର ସମର୍ଥିତ ପ୍ରାର୍ଥୀଙ୍କ ନିକଟକୁ ମହିଳାଙ୍କ ଭୋଟ ଅଧିକ ଯାଇଛି। ଦାଦନ ସମସ୍ୟା ନିରାକରଣର ଆବଶ୍ୟକତା ଥିବା ସେ ପ୍ରକାଶ କରିଛନ୍ତି। କଂଗ୍ରେସ ବରିଷ୍ଠ ନେତା ତଥା ପୂର୍ବତନ ଆଳି ବିଧାୟକ ଦେବେନ୍ଦ୍ର ଶର୍ମା କହିଛନ୍ତି, କରୋନା ସଂକ୍ରମଣ ଚଳିତ ନିର୍ବାଚନରେ ପ୍ରତିଫଳିତ ହୋଇଛି। ଏଥିପାଇଁ ପ୍ରବାସୀ ନିର୍ବାଚନରେ ସାମିଲ ହୋଇପାରିନାହାନ୍ତି। ଏହାବ୍ୟତୀତ ବିଜେଡି ପକ୍ଷରୁ ମହିଳା ଗୋଷ୍ଠୀଙ୍କୁ କରାୟତ୍ତ ପାଇଁ ବହୁ ଉଦ୍ୟମ ହୋଇଛି। ତେବେ କଂଗ୍ରେସ ଏହି ଜିଲାରେ ପୂର୍ବ ସ୍ଥିତିଠାରୁ ଅଧିକ ଭଲ ଫଳ ପାଇବ।

- ମତଦାନଠାରୁ ଦୂରେଇ ରହିଲେ ପ୍ରବାସୀ
- ସବୁ ଜୋନ୍‌ରେ ମହିଳାଙ୍କ ଭୋଟ ହାର ଅଧିକ
- ଆର୍ଥିକସ୍ଥିତି ସୁଧାରିବା ନିର୍ବାଚିତ ପ୍ରତିନିଧିଙ୍କ ପାଇଁ ଚ୍ୟାଲେଞ୍ଜ



ବାନାମ୍ବର ସାହୁ



ଭୁବନ ମୋହନ ଜେନା



ଦେବେନ୍ଦ୍ର ଶର୍ମା



କିଶୋର ପଣ୍ଡା



ଉତ୍କଳ କେଶରୀ ପରିଡା

## ସଂକ୍ଷେପରେ

### ପୋଖରୀରେ ବୁଡ଼ି ନାବାଳକ ମୃତ

**ଛତିଆ,୨୫।୨(ଡି.ଏନ.ଏ.):** ଯାଜପୁର ଜିଲା ବୈରୀ ଥାନା ଅନ୍ତର୍ଗତ ଛତିଆ ପଞ୍ଚାୟତ ଇଚ୍ଛାନଗର ପାଟଣା ଗ୍ରାମରେ ଶୁକ୍ରବାର ଏକ ଦୁଃଖଦ ଘଟଣା ଘଟିଛି। ଗ୍ରାମର ରମାକାନ୍ତ ପାତ୍ରଙ୍କ ପୁଅ ଚନ୍ଦନ(୧୩) ପୋଖରୀରେ ବୁଡ଼ି ମୃତ୍ୟୁବରଣ କରିଛନ୍ତି। ଚନ୍ଦନଙ୍କ ପରିବାର କମ୍ପାନୀ ବଜାରରେ ଏକ ଘର ଭଡ଼ା ନେଇ ରହୁଛନ୍ତି। ତେବେ ଚନ୍ଦନ ବଲ୍ ଖେଳୁଥିବା ସମୟରେ ଘର ପଛ ପଟେ ପୋଖରୀରେ ତାଙ୍କ ବଲ୍ ପଡ଼ି ଯାଇଥିଲା। ସେ ପୋଖରୀରୁ ବଲ୍ ଆଣିବାକୁ ଯାଇଥିବାବେଳେ ବୁଡ଼ି ଯାଇଥିଲେ। ପ୍ରାୟ ଏକ ଘଣ୍ଟା ପରେ ସ୍ଥାନୀୟ ଲୋକେ ପୋଖରୀରେ କେହି ଭାସୁଥିବା ଦେଖିବାକୁ ପାଇଥିଲେ। ତେଣୁ ତାଙ୍କୁ ଉଦ୍ଧାର କରି ଛତିଆର ଏକ ଘରୋଇ ଡାକ୍ତରଖାନା ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲା। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

### ନିମ୍ନମାଧମିକ ଶିକ୍ଷକ ସଂଘର ବୈଠକ

**ରାଜନଗର, ୨୫।୨(ଡି.ଏନ.ଏ.):** ରାଜନଗର ବ୍ଲକ ନିମ୍ନ ମାଧମିକ ଶିକ୍ଷକ ସଂଘର ଜରୁରୀ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଜରିମୂଳ ଉପ୍ରା ବିଦ୍ୟାଳୟ ପରିସରରେ ଜିଲା ସଂଘର ଉପଦେଷ୍ଟା ବିଜୟ କୁମାର ଜେନାଙ୍କ ଅଧକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଶିକ୍ଷକମାନଙ୍କୁ ନିୟମିତ ଦରମା ପ୍ରଦାନ, ବକେୟା ପ୍ରଦାନ, ୭ମ ବେତନ କମିଶନରେ ଦରମା ନିର୍ଦ୍ଧାରଣ, ଇପିଏଫ୍ ସମସ୍ୟା, ନିର୍ବାଚନରେ ତ୍ରୁଟିପୂର୍ଣ୍ଣ ପ୍ରଶାସନିକ ନିର୍ଦ୍ଦେଶାବଳୀ, ଶିକ୍ଷକ ନିଲମ୍ବନ, ଆଗାମୀ ଦିନରେ ବିଦ୍ୟାଳୟରେ ଅଧାପନା, ପରୀକ୍ଷା ନିର୍ଦ୍ଧାରଣ ପ୍ରଭୃତି ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ବୈଠକରେ ରାଜ୍ୟ ସଂଘର ଯୁଗ୍ମ ସମ୍ପାଦକ ସୁଶାନ୍ତ ପ୍ରଧାନ, ସମ୍ପାଦକ ଅକ୍ଷୟ କୁମାର ରାଉତ, ଶିକ୍ଷକମାନଙ୍କର ବିଭିନ୍ନ ସମସ୍ୟା ଉପରେ ମତ ରଖିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ମମତାରାଣୀ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

### ଚେତନା ଗାୟତ୍ରୀ ମହାଯଜ୍ଞ

**ରାଜକନିକା,୨୫।୨(ଡି.ଏନ.ଏ.):** ରାଜକନିକା ବ୍ଲକର ଚରପଡା ପଞ୍ଚାୟତର କଣ୍ଡିଆ ଶ୍ରୀବୈରାଗୀ ଚେତନା ସଂଘ ପକ୍ଷରୁ ଚେତନା ଗାୟତ୍ରୀ ମହାଯଜ୍ଞ ଶୁକ୍ରବାର ଆରମ୍ଭ ହୋଇଛି। ତେବେ ନହୁଣି, ପେଗରପଡା, ସିହୋପଡା, ଦେଉଳତରା, ନମତରା, ପାରିନୂଆପଡା, ଦଶରଥପୁର ପଞ୍ଚାୟତର ଶତାଧିକ କଳସ ଯାତ୍ରୀ କଣ୍ଡିଆ ଶକ୍ତୀପୀଠରୁ ବାହାରି ଖରସ୍ରୋତା ନଦୀକୁ ପୂଜାର୍ଚ୍ଚନା କରି ପାଣିଆଣି ଘଟ ସ୍ଥାପନ କରିଥିଲେ। ଏହି ସମୟରେ ଜଗନ୍ନାଥ କୀର୍ତ୍ତନ ମଣ୍ଡଳୀ ନଦୀକୂଳରେ ଭଜନ କୀର୍ତ୍ତନ କରିଥିଲେ। ମା' ଗାୟତ୍ରୀଙ୍କର ଭଜନ କୀର୍ତ୍ତନ କରି ସମଗ୍ର ଅଞ୍ଚଳରେ ମହିଳାମାନେ ଆଧାତ୍ମିକ ପରବେଶ ସୃଷ୍ଟି କରିଛନ୍ତି। ଏହି ଆଧାତ୍ମିକ କାର୍ଯ୍ୟକ୍ରମରେ ନବକୁମାରୀ ପୂଜନ, ବିଦ୍ୟାରମ୍ଭ, ଗୋପୂଜା, ସୂର୍ଯ୍ୟପୂଜା ଅନୁଷ୍ଠିତ ହେବ। ଆସନ୍ତା ୨୮ ତାରିଖରେ ଯଜ୍ଞର ପୂର୍ଣ୍ଣାହୁତି ହେବ ବୋଲି ସଭାପତି ପରିକ୍ଷିତ ପଢ଼ିଆରୀ, ସମ୍ପାଦକ ବାସୁଦେବ କୁଅଁର ପ୍ରକାଶ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଗଗନ ବିହାରୀ ସାମଲ, ଧନେଶ୍ୱର ସାହୁ, ଭାସ୍କର ମଲ୍ଲିକ, ନିମାଇଁ ରାଉତ, ନିତ୍ୟାନନ୍ଦ ନାୟକ, ପ୍ରଦୀପ ଜେନା, ପୀତାମ୍ବର ପଲାଇ ,ସୀତାକାନ୍ତ ପଢିଆରୀ ପ୍ରମୁଖ କାର୍ଯ୍ୟରେ ସହଯୋଗ କରୁଛନ୍ତି।

# ସରପଞ୍ଚ ପ୍ରାର୍ଥୀ ପାଇଁ ସାନି ମତଦାନ



୪ନଂ. ବୁଥ୍‌ରେ ଭୋଟରମାନେ ଭୋଟଦେବାକୁ ଅପେକ୍ଷା କରିଛନ୍ତି।

**ନାଉଗାଁ,୨୫।୨(ସ୍ୱ.ପ୍ର.)**

**ଶିଖର ପଞ୍ଚାୟତ ୪ନଂ.ବୁଥ୍**

ନାଉଗାଁ ବ୍ଲକ ଶିଖର ପଞ୍ଚାୟତର ୪ନଂ. ବୁଥ୍‌ରେ ଗୁରୁବାର ସରପଞ୍ଚ ପଦ ପାଇଁ ଚାଲିଥିବା ମତଦାନ ବାଧାପ୍ରାପ୍ତ ହେବାରୁ ଶୁକ୍ରବାର ସାନି ଭୋଟ ଗ୍ରହଣ କରାଯାଇଛି। ଏଠାରେ ସକାଳ ୯ରୁ ଅପରାହ୍ନ ୩ ପର୍ଯ୍ୟନ୍ତ ଭୋଟ ହୋଇଥିଲା। ଏହି କେନ୍ଦ୍ରରେ ୨୧୧ ଜଣ ମତଦାତା ନିଜ ମତ ସାବ୍ୟସ୍ତ କରିଥିଲେ। ବ୍ଲକ ନିର୍ବାଚନ ଅଧିକାରୀ ତଥା ବିଡିଓ ରଶ୍ମିରେଖା ମଲ୍ଲିକ, ତହସିଲଦାର ଜେ. କଳ୍ପନା ମତଦାନ କେନ୍ଦ୍ର ପରିଦର୍ଶନ କରିଥିବା ବେଳେ ଏସ୍‌ଡିପିଓ ରମେଶ ଚନ୍ଦ୍ର ସିଂ, ଥାନା ଆଇଆଇସି ଶୁଭ୍ରାଂଶୁ ଶେଖର ପରିଡା ନିର୍ବାଚନକୁ ଶାନ୍ତିଶୃଙ୍ଖଳାର ସହ ପରିଚାଳନା କରିଥିଲେ।

ଏହି ପଞ୍ଚାୟତରେ ୬ ସରପଞ୍ଚ ପ୍ରାର୍ଥୀ ନିର୍ବାଚନ ଲଢୁଛନ୍ତି। ବୁଥ୍‌ରେ ଗୁରୁବାର ନିର୍ଦ୍ଧାରିତ ସମୟରେ ମତଦାନ କରାଯାଇଥିଲା। ୭୪ ଜଣ ଭୋଟର ମତସାବ୍ୟସ୍ତ କରିସାରିବା ପରେ ବାଲଟ ପେପର ଠିକ୍‌ଭାବେ ଭଙ୍ଗାଯାଇ ନ ଥିବା ଜଣାପଡ଼ିଥିଲା। ୬ ସରପଞ୍ଚ ପ୍ରାର୍ଥୀଙ୍କ ଚିହ୍ନ ଦେଖାଯିବା ପରିବର୍ତ୍ତେ ୪ଜଣ ପ୍ରାର୍ଥୀଙ୍କ ଚିହ୍ନ ଦେଖାଯାଉଥିଲା। ଅନ୍ୟ ୨ ପ୍ରାର୍ଥୀଙ୍କ ଚିହ୍ନ ବାଲଟ ପେପର ମଧ୍ୟରେ ରହିଯାଇଥିଲା। ଏନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ବ୍ଲକ ନିର୍ବାଚନ ଅଧିକାରୀ ତଥା ବିଡିଓ ରଶ୍ମିରେଖା ମଲ୍ଲିକ ପହଞ୍ଚି ଘଟଣା ଅନୁଧ୍ୟାନ କରିବା ପରେ ଭୋଟକୁ ସ୍ଥଗିତ ରଖାଯାଇଥିଲା। ତେବେ ୱାର୍ଡମେମ୍ବର, ସମିତିସଭ୍ୟ, ଜିଲା ପରିଷଦ ପଦ ପାଇଁ ଭୋଟ ଗ୍ରହଣ ଚାଲୁ ରହିଥିଲା।

# ଗରଦପୁର ୨ ବୁଥ୍‌ରେ ସାନି ମତଦାନ

**କେନ୍ଦ୍ରାପଡା ଅଫିସ, ୨୫।୨**

କେନ୍ଦ୍ରାପଡା ଜିଲା ଗରଦପୁର ବ୍ଲକ ଅଞ୍ଚଳରେ ବନ୍ଦ ହୋଇଥିବା ବଙ୍ଗାଳପୁର ପଞ୍ଚାୟତର ୧୫ ନଂ. ଓ ଗରଦପୁର ପଞ୍ଚାୟତର ୬ ନଂ. ୱାର୍ଡ ବୁଥ୍‌ରେ ଶୁକ୍ରବାର ସାନି ମତଦାନ କାର୍ଯ୍ୟକ୍ରମ ସରିଛି। ବଙ୍ଗାଳପୁରର ୧୫ ୱାର୍ଡରେ ମୋଟ ୪୪୫ ଭୋଟରଙ୍କ ମଧ୍ୟରୁ ୩୫୦ ମତଦାନ କରିଛନ୍ତି। ଗରଦପୁରର ୬ ନଂ. ୱାର୍ଡରେ ମୋଟ ୪୩୦ ଭୋଟରଙ୍କ ମଧ୍ୟରୁ ୩୨୨ ଭୋଟ ଦେଇଛନ୍ତି। ସୂଚନାଯୋଗ୍ୟ, ଏହି ଦୁଇ ବୁଥ୍‌ରେ ଗଣ୍ଡଗୋଳ କାରଣରୁ ଜିଲା ପ୍ରଶାସନ ପକ୍ଷରୁ ଭୋଟ ଗ୍ରହଣକୁ ବାତିଲ କରାଯାଇଥିଲା।

# ଷ୍ଟ୍ରଙ୍ଗ୍‌ରୁମ୍ ପରଖିଲେ ଅତିରିକ୍ତ ଜିଲାପାଳ

**ଆଳି,୨୫।୨(ଡି.ଏନ.ଏ.)**

ପଞ୍ଚାୟତ ନିର୍ବାଚନ ଶେଷ ପରେ ଆଜିଠୁ ଆରମ୍ଭ ହେବ ଭୋଟ ଗଣତି ପ୍ରକ୍ରିୟା। ଆଳି ବ୍ଲକରେ ଥିବା ୪ଟି ଜୋନ୍‌ର ଜିଲା ପରିଷଦ ପ୍ରାର୍ଥୀ, ସରପଞ୍ଚ, ସମିତିସଭ୍ୟ ଓ ୱାର୍ଡ ସଭ୍ୟଙ୍କ ଭାଗ୍ୟ ନିର୍ଦ୍ଧାରଣ ହେବ। ୨୬, ୨୭ ଓ ୨୮ ତାରିଖରେ ଏହି ଗଣତି କାର୍ଯ୍ୟ କରାଯିବ। ୨୬ ତାରିଖରେ ୧ନଂ. ଜୋନ୍‌ର ଜିଲା ପରିଷଦ, ସରପଞ୍ଚ, ସମିତିସଭ୍ୟ ଓ ୱାର୍ଡସଭ୍ୟଙ୍କ ଭୋଟ ଗଣତି ହେବାକୁ ଥିବା ବେଳେ ୨୭ ତାରିଖରେ ୨ନଂ. ଜୋନ୍, ୨୮ ତାରିଖରେ ୩ ଓ ୪ନଂ. ଜୋନ୍‌ର ଭୋଟ ଗଣତି କରାଯିବ। ଏହି ଅବସରରେ ଷ୍ଟ୍ରଙ୍ଗ୍‌ରୁମ୍ ହୋଇଥିବା ଆଳି ହାଇସ୍କୁଲରେ କେନ୍ଦ୍ରାପଡ଼ା ଜିଲା ଅତିରିକ୍ତ ଜିଲାପାଳ ପୀତାମ୍ବର ସାମଲ, ଆଳି ବିଡିଓ ତଥା ନିର୍ବାଚନ ଅଧିକାରୀ ଦ୍ୱିବେନ୍ଦୁ ଦାସ, ତହସିଲଦାର ତପନ ସେନାପତି, ଆଳି ଥାନା ଆଇଆଇସି ସଲିଲ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି କିପରି ଶାନ୍ତିଶୃଙ୍ଖଳାରେ ଭୋଟ ଗଣନା କାର୍ଯ୍ୟ ହେବ ସେନେଇ ଆଲୋଚନା କରିଛନ୍ତି।

# ପ୍ରାର୍ଥୀ ଚୟନ ନେଇ ଅଡୁଆରେ ବିଭିନ୍ନ ଦଳ

**ପଟ୍ଟାମୁଣ୍ଡାଇ,୨୫।୨(ସ୍ୱ.ପ୍ର.)**

**ପୌର ନିର୍ବାଚନ ଘୋଷଣା ପରେ ରାଜନୈତିକ ତତ୍ପରତା**

ପଞ୍ଚାୟତ ନିର୍ବାଚନ ପ୍ରକ୍ରିୟା ସରି ନ ଥିବାବେଳେ ରାଜ୍ୟ ନିର୍ବାଚନ କମିଶନର ପୌର ନିର୍ବାଚନ ତାରିଖ ଘୋଷଣା କରିବା ବିଭିନ୍ନ ରାଜନୈତିକ ଦଳକୁ ଅଡୁଆରେ ପକାଇ ଦେଇଛି। ଏପରି କି ପଞ୍ଚାୟତ ନିର୍ବାଚନ ଫଳାଫଳ ପାଇଁ ଶନିବାର ଭୋଟ ଗଣତି ଆରମ୍ଭ କରାଯିବାର କାର୍ଯ୍ୟକ୍ରମ ରହିଛି। ଭୋଟ ଗଣତିର ଫଳାଫଳ ପରେ ବିଭିନ୍ନ ଦଳ ବିଶେଷ କରି ଶାସକ ବିଜେଡି, ବିରୋଧୀ ଭାଜପା ଓ କଂଗ୍ରେସ ଜିଲା ପରିଷଦ ସଭ୍ୟ ଏବଂ ବ୍ଲକ ଅଧ୍ୟକ୍ଷ ପାଇଁ ନିଜ ନିଜର ପ୍ରସ୍ତୁତି ଆରମ୍ଭ କରିବାକୁ ଯୋଜନା କରିଛନ୍ତି। ହେଲେ ପୌର ନିର୍ବାଚନ ଘୋଷଣା ସବୁକିଛିକୁ ଗୋଳମାଳ କରିଦେଇଛି। ବିରୋଧୀ ଦଳଠାରୁ ନିର୍ବାଚନ ପ୍ରସ୍ତୁତିରେ ଢେର୍ ଆଗରେ ଥିବା ବିଜେଡିର ବିଧାୟକ ଓ ନେତାଙ୍କ ପାଇଁ ମଧ୍ୟ ସମସ୍ୟା ସୃଷ୍ଟି ହୋଇଛି। ପଞ୍ଚାୟତ ନିର୍ବାଚନ ଫଳାଫଳ ଘୋଷଣା ପରେ ନିର୍ବାଚିତ ସମିତିସଭ୍ୟଙ୍କ ସହ ବିଧାୟକ ଓ ନେତାମାନେ ଅଜ୍ଞାତବାସରେ ଯିବାକୁ ଯୋଜନା କରୁଥିବାବେଳେ ପୌର ନିର୍ବାଚନ ଘୋଷଣା ସବୁକିଛି ଓଲଟପାଲଟ କରିଦେଇଛି। ମାତ୍ର ପଞ୍ଚାୟତ ନିର୍ବାଚନ ଚିନ୍ତାରେ ପ୍ରତ୍ୟେକ ଦଳ ଘାଣ୍ଟି ହେଉଥିବାବେଳେ ପୌର ନିର୍ବାଚନ ପାଇଁ ପ୍ରାର୍ଥୀ ଚୟନ ଏକ ବିରାଟ ସମସ୍ୟା ଭାବେ ଦେଖାଦେଇଛି। ବ୍ଲକ ଅଧ୍ୟକ୍ଷଠାରୁ ଜିଲା ପରିଷଦ ଅଧ୍ୟକ୍ଷ ପଦବୀ ହାସଲ ପାଇଁ ବିଜେଡି, ଭାଜପା ଓ କଂଗ୍ରେସ ମଧ୍ୟରେ ଟଣାଓଟରା ଲାଗି ରହିବା ପୌର ନିର୍ବାଚନ ନିମନ୍ତେ ବୋଝ ଉପରେ ନଳିତା ବିଡ଼ା ସଦୃଶ ହୋଇଛି। ପୌର ପରିଷଦ ନ ଥିବା ଅଞ୍ଚଳର ବିଧାୟକମାନେ ନିଃଶ୍ୱାସ ମାରିବାକୁ ସକ୍ଷମ ହୋଇଛନ୍ତି। ତେବେ ସବୁକିଛି ପଛରେ ପକାଇ ବିଧାୟକ ଓ ବିଭିନ୍ନ ଦଳର ନେତାମାନେ ପୌର ନିର୍ବାଚନ ନେଇ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ପୌର ନିର୍ବାଚନ ତାରିଖ ଘୋଷଣା ପରଠାରୁ ପୌରାଧକ୍ଷ ଓ କାଉନ୍‌ସିଲର ପଦବୀ ପାଇଁ ଆଶାୟୀ ପ୍ରାର୍ଥୀମାନେ ବିଧାୟକ ଓ ବିଭିନ୍ନ ଦଳର ନେତାମାନଙ୍କ ନିକଟରେ ଲବି କରିବା ଦେଖାଗଲାଣି। ପୌର ନିର୍ବାଚନ ପାଇଁ ବିଭିନ୍ନ ଦଳ ସେମାନଙ୍କ ପ୍ରସ୍ତୁତି ଆରମ୍ଭ କରି ଦେଇଥିବାରୁ ପଟ୍ଟାମୁଣ୍ଡାଇରେ ରାଜନୈତିକ ବାତାବରଣ ସରଗରମ ହୋଇପଡ଼ିଛି।

# ମାସ ଶେଷ ରବିବାର ଖୋଲା ରହିବ ରାହାମା ହାଟ

**ରାହାମା,୨୫।୨(ଡି.ଏନ୍.ଏ.)**

ପ୍ରତ୍ୟେକ ମାସର ଶେଷ ରବିବାର ରାହାମା ହାଟ ବଜାରର ସମସ୍ତ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ ରହିଆସୁଥିବା ବେଳେ ଚଳିତ ମାସରେ ଖୋଲା ରହିବ। ଏହାର କାରଣ ତ୍ରିସ୍ତରୀୟ ନିର୍ବାଚନରେ ରାହାମା କଲେଜକୁ ନୋଡାଲ ସେଣ୍ଟର କରାଯାଇଛି। ଏହି ସେଣ୍ଟରରେ ୨୬ରୁ ୨୮ତାରିଖ ପର୍ଯ୍ୟନ୍ତ ଭୋଟ ଗଣତି ହେବା ପାଇଁ ପ୍ରଶାସନ ପକ୍ଷରୁ ସ୍ଥିର କରାଯାଇଛି। ଗଣତିରେ ସମ୍ପୃକ୍ତ କର୍ମଚାରୀ ଓ ଦଳୀୟ ଏଜେଣ୍ଟଙ୍କ ସମେତ ସହସ୍ରାଧିକ ଜନସାଧାରଣ ଏକତ୍ରିତ ହେବାର ସମ୍ଭାବନା ରହିଛି। ତେଣୁ ସେମାନେ ଖାଦ୍ୟ, ପାନୀୟ ଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀ ପାଇଁ ରାହାମା ହାଟ ଉପରେ ନିର୍ଭର କରିବେ। ଏହାକୁ ଦୃଷ୍ଟିରେ ରଖି କୁଜଙ୍ଗ ପଞ୍ଚାୟତ ସମିତି ଚିଠି (ନଂ.୮୨୨/୨୪/୨/୨୨)ଅନୁସାରେ ବ୍ଲକ ନିର୍ବାଚନ ଅଧିକାରୀ ରାହାମା ବଣିକ ସଙ୍ଘକୁ ୨୬ତାରିଖ ଅର୍ଥାତ୍ ମାସ ଶେଷ ରବିବାର ରାହାମା ବଜାରର ସମସ୍ତ ବ୍ୟବସାୟ ପ୍ରତିଷ୍ଠାନ ଖୋଲା ରଖିବା ପାଇଁ ଅନୁରୋଧପତ୍ର ମାଧ୍ୟମରେ ଜଣାଇଛନ୍ତି। ପ୍ରଶାସନର ଏହି ଅନୁରୋଧକୁ ସମ୍ମାନ ଜଣାଇ ବଜାର ଖୋଲା ରହିବ ବୋଲି ବଣିକ ସଂଘ ସଭାପତି ଜଟାଧାରୀ ଦାସ ଓ ସମ୍ପାଦକ ସୁନାକର ବେହେରା ସୂଚନା ଦେଇଛନ୍ତି।

# ପଟ୍ଟାମୁଣ୍ଡାଇ ପୌର ନିର୍ବାଚନ ପାଇଁ କର୍ମୀଙ୍କୁ ମନ୍ତ୍ର

**ନଗର ଭାଜପା କାର୍ଯ୍ୟକର୍ତ୍ତା ସମ୍ମିଳନୀ**

**ପଟ୍ଟାମୁଣ୍ଡାଇ,୨୫।୨(ସ୍ୱ.ପ୍ର.)**

ତୃଣମୂଳସ୍ତରରେ ନଗର ଭାଜପା ସଙ୍ଗଠନକୁ ମଜଭୁତ କରିବାକୁ ପଟ୍ଟାମୁଣ୍ଡାଇଠାରେ ଶୁକ୍ରବାର ଆହୂତ କାର୍ଯ୍ୟକର୍ତ୍ତା ସମ୍ମିଳନୀରେ ପୌର ନିର୍ବାଚନ ତାରିଖ ଘୋଷଣା ପରେ ରାଜନୀତି ଚଳଚଞ୍ଚଳ ହୋଇଉଠିଛି। ଜିଲା ଭାଜପା ଉପସଭାପତି ଆଇନଜୀବୀ ସଞ୍ଜୟ ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ସମ୍ମିଳନୀରେ ରାଜ୍ୟ ଭାଜପା କାର୍ଯ୍ୟକାରିଣୀ ସଦସ୍ୟ ବିଷ୍ଣୁ ଦାସ ଯୋଗଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନକଲ୍ୟାଣ ଯୋଜନା ସମ୍ପର୍କରେ ଜନସଚେତନତା ସୃଷ୍ଟି କରିବା ସହ ଦଳର ସଙ୍ଗଠନକୁ ମଜଭୁତ କରି ଆସନ୍ତା ପୌର ନିର୍ବାଚନରେ ସଫଳତା ହାସଲ କରିବାକୁ କର୍ମୀମାନଙ୍କୁ ମନ୍ତ୍ର ଦେଇଥିଲେ। ସମ୍ମିଳନୀରେ ପଟ୍ଟାମୁଣ୍ଡାଇ ନଗର ଭାଜପା ସଭାପତି ବିଶ୍ୱରଞ୍ଜନ ପାତ୍ର, ଜିଲା ମହିଳା ମୋର୍ଚ୍ଚା ଉପସଭାନେତ୍ରୀ ଲିଜା ଦାସ, ପ୍ରାକ୍ତନ ନଗର ସଭାପତି ପଦ୍ମନାଭ ପଣ୍ଡା, ନଗର ଉପସଭାପତି ଶଶିକାନ୍ତ ସ୍ୱାଇଁ, ସମ୍ପାଦକ ରବୀନ୍ଦ୍ର ବିଶ୍ୱାଳ, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ନଳିନୀକାନ୍ତ ବିଶ୍ୱାଳ, ବିଦ୍ୟାଧର ସେଠୀ, ସମୀର ପାତ୍ର, ସମର ସାହୁ, ରାହାସ ବିହାରୀ ଦାସ, ପାରେଶ୍ୱର ପାତ୍ର, ବିକ୍ରମ ଖଣ୍ଡାଇ, ଚିତ୍ତରଞ୍ଜନ ସେଠୀ, ଦେବାଶିଷ ମଲିକ, କ୍ଷୀରୋଦ ରାଉତ, ଦୀପକ ମଲିକ ପ୍ରମୁଖ ଆଗାମୀ ପୌର ନିର୍ବାଚନରେ ଭାଜପାର ବିଜୟ ପାଇଁ ପୂର୍ଣ୍ଣପ୍ରାଣରେ ଲାଗିପଡ଼ିବାକୁ ଦଳର କର୍ମୀମାନଙ୍କୁ ନିବେଦନ କରିଥିଲେ।

# ବିଦେଶରେ ଯୁଦ୍ଧ, ଉପକୂଳରେ ପ୍ରଭାବ

**ମହାକାଳପଡା ,୨୫।୨(ଡି.ଏନ.ଏ.)**

ରୁଷ୍ ଓ ୟୁକ୍ରେନ୍ ମଧ୍ୟରେ ଚାଲିଥିବା ଯୁଦ୍ଧକୁ ନେଇ ଉପକୂଳ ଅଞ୍ଚଳରେ ଏହାର ସିଧାସଳଖ ପ୍ରଭାବ ପଡିଛି ବୋଲି ଆଲୋଚନା ହେଉଛି। ତେବେ ଏହି ଆଶଙ୍କାରେ ଅଞ୍ଚଳରେ ଦରଦାମ୍ ବୃଦ୍ଧି ପାଇଛି ବୋଲି ସ୍ଥାନୀୟ ଲୋକମାନେ କହିଛନ୍ତି। ଏହାର ପ୍ରଭାବ ପଡିଛି କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଉପକୂଳ ଅଞ୍ଚଳ ରାମନଗର ଦୈନିକ ହାଟ ବଜାରରେ। ଏବେ ଦରଦାମ୍ ବୃଦ୍ଧି ପାଇବାରେ ଲାଗିଛି। ଡାଲି, ତେଲ, ଅତ୍ୟାବଶ୍ୟକ ସାମଗ୍ରୀଗୁଡିକର ମୂଲ୍ୟ ଦୁଇଦିନ ମଧ୍ୟରେ ଦ୍ରୁତଗତିରେ ବୃଦ୍ଧି ପାଇବାରେ ଲାଗିଛି। ବଜାରରେ ଥିବା ରାଶନ ସାମଗ୍ରୀ ଦୋକାନଗୁଡିକରେ ଗ୍ରାହକଙ୍କ ଭିଡ଼ ଜମୁଛି। ଘର ଚଳାଇବାକୁ ସ୍ଥାନୀୟ ଲୋକ ଦୈନନ୍ଦିନ ଏହି ବଜାର ଉପରେ ନିର୍ଭରଶୀଳ ଥିବାରୁ ଦରଦାମ୍ ବୃଦ୍ଧି ପାଇବା ଶୁଣି ଉଚିତ ମୂଲ୍ୟଠାରୁ ଏବେ ଚଢ଼ା ଦରରେ କିଣିବାକୁ ବାଧ ହେଉଛନ୍ତି। ଆଗାମୀ ଦିନରେ ଭୟଙ୍କର ଯୁଦ୍ଧ ଆଶଙ୍କାକରି ଲୋକମାନଙ୍କ ମଧ୍ୟରେ ଭାଳେଣି ପଡିଲାଣି।



ମହାକାଳପଡ଼ା ବ୍ଲକ ରାମନଗର ବଜାରରେ ଜିନିଷ କିଣିବା ପାଇଁ ଲୋକମାନଙ୍କ ଭିଡ଼।

# ଆଜିଠୁ ପଞ୍ଚାୟତ ନିର୍ବାଚନ ଫଳାଫଳ ଘୋଷଣା

**ଜଗତ୍‌ସିଂହପୁର ଅଫିସ, ୨୫।୨**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ଫଳାଫଳ ଘୋଷଣା ଶନିବାରଠାରୁ ଆରମ୍ଭ ହେବ। ଜିଲାର ସମସ୍ତ ବିତରଣ କେନ୍ଦ୍ରରେ ସକାଳ ୮ରୁ ଗଣତି ଆରମ୍ଭ ହେବ। ପ୍ରଥମ ଦିନ ଜିଲାର ୨୬ଟି ଜିଲା ପରିଷଦ ଜୋନ୍ ମଧ୍ୟରୁ ୮ଟି ବ୍ଲକର ସମସ୍ତ ୧ନଂ. ଜୋନ୍‌ର ଫଳ ପ୍ରକାଶ ପାଇବ। ଏହି ଜୋନ୍ ଅନ୍ତର୍ଗତ ୬୬ଟି ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟ ଲାଗି ନିର୍ବାଚିତ ପ୍ରାର୍ଥୀଙ୍କ ନାମ ଘୋଷଣା ହେବ। ସେମାନଙ୍କ ମଧ୍ୟରୁ ଏରସମା ୧ନଂ.ର ୬, କୁଜଙ୍ଗ ୧ନଂ. ୯, ଜଗତ୍‌ସିଂହପୁର ୧ନଂ. ୯, ତିର୍ତ୍ତୋଲ ୧ନଂ. ୭, ନାଉଗାଁ ୧ନଂ. ୮, ବାଲିକୁଦା ୧ନଂ. ୭, ବିରିଡ଼ି ୧ନଂ. ୧୧ ଓ ରଘୁନାଥପୁର ୧ନଂ. ଜୋନ୍ ମଧ୍ୟରେ ୯ଟି ପଞ୍ଚାୟତ ରହିଛି। ସେହିପରି ୧୧୦୯ ଜଣ ୱାର୍ଡମେମ୍ବରଙ୍କ ଫଳାଫଳ ଘୋଷଣା କରାଯିବ। ଏନେଇ ପ୍ରମୁଖ ରାଜନୈତିକ ଦଳ ଯଥା ବିଜେଡି, କଂଗ୍ରେସ ଓ ଭାଜପା ନେତୃବୃନ୍ଦ ଅଙ୍କକଷା ଜୋର୍‌ଦାର କରିଛନ୍ତି।

ପ୍ରକାଶଯୋଗ୍ୟ, ବାଲିକୁଦା ବ୍ଲକର ୪ ଜିଲା ପରିଷଦ ଜୋନ୍‌ରେ ୧୮ ଜଣ ପ୍ରାର୍ଥୀ ହୋଇଛନ୍ତି। ବ୍ଲକର ୩୦ଟି ପଞ୍ଚାୟତରେ ୧୧୪ ସରପଞ୍ଚ, ୯୮ ସମିତିସଭ୍ୟ ଓ ୯୭୦ ୱାର୍ଡମେମ୍ବର ପ୍ରାର୍ଥୀ ରହିଛନ୍ତି। ଜଗତ୍‌ସିଂହପୁର ବ୍ଲକ ଅନ୍ତର୍ଗତ ୪ ଜିଲା ପରିଷଦ ଜୋନ୍‌ରେ ୧୬ ଜଣ ପ୍ରାର୍ଥୀ ହୋଇଛନ୍ତି। ଏହି ବ୍ଲକର ୩୦ ପଞ୍ଚାୟତରେ ୧୧୫ ସରପଞ୍ଚ, ୯୮ ସମିତିସଭ୍ୟ ଓ ୮୬୮ ଜଣ ୱାର୍ଡମେମ୍ବର ପ୍ରାର୍ଥୀ ଅଛନ୍ତି। ତିର୍ତ୍ତୋଲ ବ୍ଲକର ୪ଟି ଜିଲା ପରିଷଦ ଜୋନ୍‌ରେ ୧୫ ଜଣ ପ୍ରାର୍ଥୀ ହୋଇଛନ୍ତି। ଏଥିସହ ବ୍ଲକର ୨୯ ପଞ୍ଚାୟତରେ ୯୫ ସମିତିସଭ୍ୟ, ୧୧୬ ସରପଞ୍ଚ ଓ ୮୨୨ ୱାର୍ଡମେମ୍ବର ପ୍ରାର୍ଥୀ ନିର୍ବାଚନ ମଇଦାନରେ ଅବତୀର୍ଣ୍ଣ ହୋଇଛନ୍ତି। ବିରିଡ଼ି ବ୍ଲକର ୨ ଜିଲା ପରିଷଦ ଜୋନ୍ ସମେତ ସରପଞ୍ଚ, ସମିତିସଭ୍ୟ ଓ ୱାର୍ଡସଭ୍ୟ ପଦବୀରେ ୬୮୬ ପ୍ରାର୍ଥୀ ରହିଛନ୍ତି। କୁଜଙ୍ଗ ବ୍ଲକ ଅଞ୍ଚଳର ୪ ଜିଲା ପରିଷଦ ଜୋନ୍‌ରେ ୧୩ ଜଣ ପ୍ରାର୍ଥୀ ହୋଇଛନ୍ତି। ଏହି ବ୍ଲକ ଅନ୍ତର୍ଗତ ୨୮ ପଞ୍ଚାୟତରେ ୯୯ ସମିତିସଭ୍ୟ, ୧୧୪ ସରପଞ୍ଚ ଓ ୯୧୨ ଜଣ ୱାର୍ଡମେମ୍ବର ପ୍ରାର୍ଥୀ ନିର୍ବାଚନ ଲଢ଼ିଛନ୍ତି। ରଘୁନାଥପୁର ବ୍ଲକର ୨ ଜିଲା ପରିଷଦ ପାଇଁ ୭ଜଣ ପ୍ରାର୍ଥୀ ହୋଇଛନ୍ତି। ଏହି ବ୍ଲକର ୧୯ ପଞ୍ଚାୟତରେ ୭୧ ସମିତିସଭ୍ୟ, ୯୮ ସରପଞ୍ଚ ଓ ୩୩୭ ଜଣ ୱାର୍ଡସଭ୍ୟ ପ୍ରାର୍ଥୀ ରହିଛନ୍ତି। ନାଉଗାଁ ବ୍ଲକର ୨ ଜିଲା ପରିଷଦ ଆସନ ପାଇଁ ୬ ଜଣ ପ୍ରାର୍ଥୀଙ୍କ ମଧ୍ୟରେ ଲଢ଼େଇ ହୋଇଛି । ବ୍ଲକର ୧୬ଟି ପଞ୍ଚାୟତରେ ୫୦ ସମିତିସଭ୍ୟ, ୬୩ ସରପଞ୍ଚ ଓ ୪୪୫ ଜଣ ୱାର୍ଡମେମ୍ବର ପ୍ରାର୍ଥୀ ରହିଛନ୍ତି। ଏରସମା ବ୍ଲକର ୪ ଜିଲା ପରିଷଦ ଆସନରେ ୧୮ ପ୍ରାର୍ଥୀ ଅଛନ୍ତି। ଏହି ବ୍ଲକର ୨୫ ପଞ୍ଚାୟତରେ ୭୯ ସମିତିସଭ୍ୟ, ୯୫ ସରପଞ୍ଚ ଓ ୮୦୯ ଜଣ ୱାର୍ଡମେମ୍ବର ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିଛନ୍ତି। ଶନିବାର ଏହାର ଗଣତି ଆରମ୍ଭ ହେଉଥିବାବେଳେ ପ୍ରାର୍ଥୀ, ନେତା, କର୍ମୀ ଓ ସମ୍ପର୍କୀୟଙ୍କ ମନରେ ଚିନ୍ତା ବଢ଼ିଯାଇଛି। ତେବେ ବିଜୟୀ ଆଶାରେ ଥିବା ପ୍ରାର୍ଥୀମାନଙ୍କ ପକ୍ଷରୁ ଉତ୍ସବ ପାଳନ ନେଇ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଫଳାଫଳ ବାହାରିବା ପରେ ହାତୀ କାହା ମୁଣ୍ଡରେ କଳସ ଢାଳୁଛି ତାହା ଜଣାପଡ଼ିବ।



- ପ୍ରଥମ ଦିନରେ ୮ ବ୍ଲକର ୧ନଂ. ଜୋନ୍‌ଗୁଡ଼ିକରେ ଗଣତି
- ୮ ଜିଲା ପରିଷଦ, ୧୧୦୯ ୱାର୍ଡ ସଭ୍ୟ, ୬୬ ଲେଖାଏଁ ସରପଞ୍ଚ,ସମିତି ସଭ୍ୟ ପ୍ରାର୍ଥୀଙ୍କ ଭାଗ୍ୟ ପରୀକ୍ଷା

## ଦୁର୍ଘଟଣାରେ ବାଇକ୍ ଚାଳକଙ୍କ ମୃତ୍ୟୁ

ଧର୍ମଶାଳା,(ଡି.ଏନ.ଏ.): ଜେନାପୁର ଥାନା କୁସ୍ପିରା ଗ୍ରାମ ନିକଟରେ ବାଇକ୍ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ଧର୍ମଶାଳା ଥାନା ନାକପୋଲ ଗ୍ରାମର କାର୍ତ୍ତିକ ବାରିକଙ୍କ ପୁଅ ସୁଶାନ୍ତ(୩୩) ବୋଲି ଜଣାପଡ଼ିଛି। ସେ କଇଶଣ୍ଡିରେ ମାମୁ ଘରକୁ ବାଇକ୍ ଯୋଗେ ଯାଇ ଫେରୁଥିଲେ। ତେବେ ବାଇକ୍‌ଟି ଭାରସାମ୍ୟ ହରାଇ ରାସ୍ତା କଡ଼ରେ ଥିବା ବାଡ଼ାରେ ପିଟି ହୋଇଥିବାରୁ ସେ ଗୁରୁତର ହୋଇ ପଡ଼ିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଧର୍ମଶାଳା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ବଡ଼ଚଣା ପଠାଇ ଘଟଣାର ତଦନ୍ତ ଚଳାଇଛି।

## ସଂକ୍ଷେପରେ

### ବରୀ ବ୍ଲକ ୨୧ ନଂ.ଜୋନ୍‌ର ଭୋଟ ଗଣତି ଆଜି

ବରୀ,୨୫।୨(ଡି.ଏନ.ଏ.): ବରୀ ବ୍ଲକ ଅଧୀନରେ ୨୧, ୨୨, ୨୩ ଓ ୨୪ ମୋଟ୍ ୪ଟି ଜିଲା ପରିଷଦ ଜୋନ୍ ରହିଛି। ଶନିବାର ୨୧ ନମ୍ବର ଜୋନ୍‌ର ଭୋଟ୍ ଗଣତି କରାଯିବ। ଏହି ଜୋନ୍ ଅଧୀନରେ ଧାରପୁର, ବାଲିଆ, ଇଶାଣପୁର, ସ୍ୱାଇଁଖଣ୍ଡ, ଗୋଲକୁଣ୍ଡ, କିମ୍ବିରିଆପାଳ ଓ ବାଇଁଶିରିଆ ଆଦି ୭ଟି ପଞ୍ଚାୟତ ରହିଥିବାରୁ ଜିଲା ପରିଷଦ ସମେତ ଏସବୁ ପଞ୍ଚାୟତଗୁଡ଼ିକର ସରପଞ୍ଚ, ସମିତିସଭ୍ୟ ଓ ୱାର୍ଡ ସଭ୍ୟ ପ୍ରାର୍ଥୀଙ୍କ ଭୋଟ୍ ଗଣତି ପାଇଁ ସ୍ଥିର ହୋଇଛି। ଏନେଇ ବ୍ଲକ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଏହି ଜୋନ୍‌ରେ ମୋଟ୍ ୧୪୮ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଥିଲେ। ସେମାନଙ୍କ ମଧ୍ୟରେ ୯୨ ୱାର୍ଡ ସଭ୍ୟ, ୨୬ ସରପଞ୍ଚ, ୨୬ ସମିତିସଭ୍ୟ ଓ ୪ ଜିଲା ପରିଷଦ ସଭ୍ୟ ପ୍ରାର୍ଥୀ ରହିଛନ୍ତି। ତେବେ ଭୋଟ୍ ଗଣତିର ସମୟ ପାଖେଇ ଆସୁଥିବାରୁ ପ୍ରାର୍ଥୀଙ୍କ ମନରେ ଛନକା ପଶିଛି। ତେଣୁ ସମସ୍ତେ ଭୋଟ୍ ଗଣତିକୁ ଅପେକ୍ଷା କରିଛନ୍ତି। ଅନ୍ୟପକ୍ଷରେ ଏଠାରେ ବିଧାୟିକା ସୁନନ୍ଦା ଦାସ ଓ ବିଜେଡି ରାଜ୍ୟ ସମ୍ପାଦକ ବିଶ୍ୱରଞ୍ଜନ ମଲ୍ଲିକଙ୍କ ପକ୍ଷରୁ ପୃଥକ୍ ଭାବେ ପ୍ରାର୍ଥୀ ଚୟନ କରାଯାଇଥିଲା। ତେଣୁ କାହା ପ୍ରାର୍ଥୀ ଅଧିକ ବିଜୟୀ ହେଉଛନ୍ତି ଏବେ ତା' ଉପରେ ସମସ୍ତଙ୍କ ନଜର ରହିଛି।

### ରାଷ୍ଟ୍ରୀୟ ମତଦାତା ସଚେତନତା ପ୍ରତିଯୋଗିତା

ଯାଜପୁର ଅଫିସ,୨୫।୨: ଦେଶରେ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାକୁ ସଶକ୍ତ କରିବା ସହିତ ଏଥିରେ ମତଦାତାଙ୍କ ଅଂଶଗ୍ରହଣକୁ ପ୍ରୋତ୍ସାହିତ ଉଦ୍ଦେଶ୍ୟରେ ଭାରତ ନିର୍ବାଚନ ଆୟୋଗଙ୍କ ଦ୍ୱାରା 'ମୋ ଭୋଟ ହିଁ ମୋ ଭବିଷ୍ୟତ-ଗୋଟିଏ ଭୋଟର ଶକ୍ତି' ବିଷୟରେ ରାଷ୍ଟ୍ରୀୟ ମତଦାତା ସଚେତନତା ପ୍ରତିଯୋଗିତା ଆରମ୍ଭ ହୋଇଛି। ଦ୍ୱାଦଶ ରାଷ୍ଟ୍ରୀୟ ମତଦାତା ଦିବସ-୨୦୨୨ ପାଳନ ଅବସରରେ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତା ସମସ୍ତ ବୟସର ଲୋକଙ୍କ ପାଇଁ ମାର୍ଚ୍ଚ ୧୫ ପର୍ଯ୍ୟନ୍ତ ଉପଲବ୍ଧ। ୫ଟି ବର୍ଗ କୁଇଜ, ସ୍ଲୋଗାନ, ଭିଡିଓ, ଗୀତ ଗାଇବା ଏବଂ ପୋଷ୍ଟର ଡିଜାଇନ କରିବାରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। ଆନୁଷ୍ଠାନିକ, ପେସାଦାର ଓ ଅନଭିଜ୍ଞ ଭଳି ୩ ସ୍ତରରେ ହେଉଥିବା ଏହି ପ୍ରତିଯୋଗିତା ସମ୍ବନ୍ଧରେ ସବିଶେଷ ତଥ୍ୟ ଭାରତ ନିର୍ବାଚନ ଆୟୋଗଙ୍କ ୱେବସାଇଟ୍ https://ecisveep.nic.in/contest/ରେ ମିଳିପାରିବ। ପ୍ରତିଯୋଗୀ ସବିଶେଷ ବିବରଣୀ ସହିତ ଆବେଦନଗୁଡ଼ିକୁ voter-contest@eci.gov.inରେ ଇମେଲ୍ କରିପାରିବେ।

### ଶ୍ରୀଧରଙ୍କ ଟେର୍ ପାଉନି ପୋଲିସ

ସିଂହପୁର,୨୫।୨(ଡି.ଏନ.ଏ.): ବିଞ୍ଝାରପୁର ଥାନା ବାଚ୍ଛୋଳ ପଞ୍ଚାୟତ ବାମଦେବପୁର ଗ୍ରାମର ବୁଥ୍ ନଂ.୨ରେ ଖବରଦାତାଙ୍କୁ ଆକ୍ରମଣ ଘଟଣାରେ ଶୁକ୍ରବାର ଅନ୍ୟ ଜଣେ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ସେ ରାଜକିଶୋର ମଲ୍ଲିକ ଓରଫ ରାଜୁଆ ବୋଲି ଜଣାପଡ଼ିଛି। ରାଜୁଆ ଆକ୍ରମଣ ଘଟଣାର ପ୍ରମୁଖ ଅଭିଯୁକ୍ତ। ସେ ଫେରାର ଥିଲେ ବୋଲି ଥାନା ଅଧିକାରୀ ଅମରେନ୍ଦ୍ର ଦାସ ସୂଚନା ଦେଇଛନ୍ତି। ମାତ୍ର ଘଟଣାର ମୁଖ୍ୟ ଅଭିଯୁକ୍ତ ଶ୍ରୀଧର ମଲ୍ଲିକଙ୍କୁ ପୋଲିସ ଗିରଫ କରିପାରିନାହିଁ। ଅନ୍ୟପକ୍ଷରେ ପୋଲିସ ଖବରଦାତା ଗୁଲସନଙ୍କ ମୋବାଇଲ ଫୋନ ଅଗ୍ନିଶମ ବାହିନୀ ସହାୟତାରେ ସ୍ଥାନୀୟ ପୋଖରୀରୁ ଉଦ୍ଧାର କରିଥିବା ଜଣାପଡ଼ିଛି।

# ଜିତିବା, ହାରିବାକୁ ନେଇ ଅଙ୍କକଷା

■ ବଢ଼ିଲା ପ୍ରାର୍ଥୀ, ନେତାଙ୍କ ଟେନ୍‌ଶନ
■ ଭୋଟବାକ୍ସରେ ୧୦ ହଜାର ପ୍ରାର୍ଥୀଙ୍କ ଭାଗ୍ୟ

ଯାଜପୁର ଅଫିସ,୨୫।୨

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ମତଦାନ ଶେଷହେବା ପରେ ଗଣତି ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ୨୬ରୁ ୨୮ ତାରିଖ ପର୍ଯ୍ୟନ୍ତ ଭୋଟ ଗଣତି ପାଇଁ ବ୍ୟବସ୍ଥା କରାଯାଇଛି। ତେଣୁ ଏବେ ଜିତିବା ହାରିବା ନେଇ ପ୍ରାର୍ଥୀ ଏବଂ ହାଇପ୍ରୋଫାଇଲ ନେତାଙ୍କ ଚିନ୍ତା ବଢ଼ିଛି। ଏହି ନିର୍ବାଚନରେ ଯାଜପୁର ଜିଲାର ୧୫୦ ଜିଲା ପରିଷଦ, ୯୯୧ ସମିତିସଭ୍ୟ, ୧୨୧୪ ସରପଞ୍ଚ ଓ ୭୬୫୮ ୱାର୍ଡମେମ୍ବର ପ୍ରାର୍ଥୀଙ୍କୁ ମିଶାଇ ମୋଟ୍ ୧୦ ହଜାର ୧୩ଜଣ ପ୍ରତିଦ୍ୱନ୍ଦ୍ୱିତା କରୁଥିଲେ। ସେମାନଙ୍କ ମଧ୍ୟରୁ ଭୋଟର କାହା ମୁଣ୍ଡରେ ସୁନାକଳସ ଢାଳିଛନ୍ତି ତା'କୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ଏହାକୁ ନେଇ ମୁଖ୍ୟତଃ ବିଜେଡି, କଂଗ୍ରେସ, ଭାଜପାର ନେତା, କର୍ମୀ ଓ ପ୍ରାର୍ଥୀଙ୍କ ମଧ୍ୟରେ ଅଙ୍କକଷା ଚାଲିଛି। ଫଳାଫଳକୁ ନେଇ ଗ୍ରାମାଞ୍ଚଳରୁ ସହରାଞ୍ଚଳ, ଚା' ଦୋକାନରୁ ହୋଟେଲ, କ୍ଲବରୁ ଖଟି, ସରକାରୀ କାର୍ଯ୍ୟାଳୟରୁ ବାର ଆସୋସିଏଶନ ସବୁଠି ଆଲୋଚନା ଚାଲିଛି। ଏହି ନିର୍ବାଚନର ଫଳାଫଳ ୨୦୨୪ ସାଧାରଣ ନିର୍ବାଚନକୁ ପ୍ରଭାବିତ କରିବ। କେଉଁ ଦଳ କେତେ ଆସନ ପାଇବ ସେ ସଂକ୍ରାନ୍ତରେ ମିଶାଣ, ଫେଡ଼ାଣ ଚାଲିଛି। ୨୦୧୭ ପଞ୍ଚାୟତ ନିର୍ବାଚନରେ ଭାଜପାର ଭୋଟହାର ୨ ଗୁଣ ବୃଦ୍ଧି ପାଇଥିଲା। ୨୦୧୯ ସାଧାରଣ ନିର୍ବାଚନରେ ସେହି ଦଳର ଭୋଟହାର ୪୦.୫%କୁ ବଢ଼ିଥିଲା। ଏଥର ବି ଭାଜପାର ପ୍ରଦର୍ଶନ ଉପରେ ସମସ୍ତଙ୍କ ନଜର ରହିଛି। ତେବେ ଜିଲାରେ ପ୍ରଥମ ୩ ପର୍ଯ୍ୟାୟ ମତଦାନରେ ବ୍ୟାପକ ହିଂସା, ବୁଥ୍ କ୍ୟାପ୍‌ଚରିଂ, ଖବରଦାତା ଓ ପୋଲିସଙ୍କୁ ମାଡ଼ ଆଦି ଘଟଣା ସାରା ରାଜ୍ୟରେ ବଦ୍‌ନାମ ଆଣିଛି।

ଯାଜପୁର ଜିଲାରେ ଭାଜପା ସଂଗଠନ ସେତେଟା ସୁଦୃଢ଼ ହୋଇ ନ ଥିଲେ ହେଁ ୨୦୧୪ ସାଧାରଣ ନିର୍ବାଚନ ତୁଳନାରେ ୨୦୧୭ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଦଳର ଭୋଟ ୧,୬୭,୩୬୪କୁ ବୃଦ୍ଧି ପାଇଥିଲା। ଜିଲା ପରିଷଦ ଆସନ ଲାଗି ଦଳୀୟ ଚିହ୍ନରେ ମିଳିଥିବା ଜନାଦେଶରୁ ଭାଜପାର ଭୋଟହାର ୧୬ ପ୍ରତିଶତରୁ ପ୍ରାୟ ୩୧ ପ୍ରତିଶତକୁ ବୃଦ୍ଧି ହୋଇଥିଲା। ଅନ୍ୟପକ୍ଷେ ବିଜେଡିର ୨୮,୮୭୪ ଓ କଂଗ୍ରେସର ୬୨,୦୫୦ ଭୋଟ ହ୍ରାସ ପାଇଥିଲା। ଭାଜପା ସପକ୍ଷରେ ଏଭଳି ଜନାଦେଶ ବୃଦ୍ଧି ବିଜେଡି ଶିବିରକୁ ଅସ୍ଥିର କରିଥିଲା। ତେବେ ଏହାର ପ୍ରଭାବ ୨୦୧୯ ସାଧାରଣ ନିର୍ବାଚନରେ ମଧ୍ୟ ପଡ଼ିଥିଲା। ଜିଲାର ଲୋକ ସଭା ଆସନରେ ଭାଜପାକୁ ୪୦.୫% ଭୋଟ ମିଳିଥିଲା। ସମସ୍ତ ୭ ବିଧାନସଭା ଆସନରେ ବିଜେଡିକୁ ଭାଜପା କଡ଼ା ଟକ୍କର ଦେଇଥିଲା। ଏପରି କି ବରୀ ଓ ବଡ଼ଚଣାରେ ମାତ୍ର ୫ ହଜାର ଭୋଟ୍ ବ୍ୟବଧାନରେ ହାର୍‌ଜିତ ହୋଇଥିଲା। ତେଣୁ ଏଥର ଭାଜପାର ଯଦି ଭୋଟହାର ବୃଦ୍ଧି ହୁଏ ତେବେ ଆସନ୍ତା ୨୦୨୪ ସାଧାରଣ ନିର୍ବାଚନ ବେଳକୁ ଭାଜପା ଜିଲାରେ ଏକ ଶକ୍ତିଶାଳୀ ଦଳ ଭାବେ ଉଭା ହେବା ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ ବୋଲି ଚର୍ଚ୍ଚା ଜୋର୍ ଧରିଛି। ଦଳୀୟ କର୍ମୀଙ୍କୁ ପ୍ରାଧାନ୍ୟ, ସାଧାରଣ ଲୋକଙ୍କ ମୌଳିକ ସମସ୍ୟାକୁ ଉପେକ୍ଷା ଏଠାରେ ବିଜେଡି ବିପର୍ଯ୍ୟର ପ୍ରମୁଖ କାରଣ ହୋଇପାରେ ବୋଲି ମତପ୍ରକାଶ ପାଉଛି। ଏହି କାରଣରୁ ଜିଲାର ଶିଳ୍ପସମୃଦ୍ଧ ଦାନଗଦି ବ୍ଲକ ଅନ୍ତର୍ଗତ ଓସ୍ତପାଳ ପଞ୍ଚାୟତର ପାଇକାଳି ବଗପାଟିଆ ଓ ଶାଳିଜଙ୍ଗା ପଞ୍ଚାୟତର ବେଣାପାଟିଆ ଏବଂ ରସୁଲପୁର ବ୍ଲକ ଶ୍ରୀବନ୍ତପୁର ଗ୍ରାମ ପଞ୍ଚାୟତର ବାଉଁଶଅଣ୍ଡା(ବଡ଼) ଗ୍ରାମବାସୀ ଚଳିତ ନିର୍ବାଚନରେ ଭୋଟ ବର୍ଜନ କରିଛନ୍ତି। ଏହା ସାଧାରଣ ବିଷୟ ବୋଲି ମନେହେଉଥିଲେ ହେଁ ଶାସକ ବିଜେଡିକୁ ଶକ୍ତ ଧକ୍କା ଲାଗିଛି।

୨୦୧୭ ପଞ୍ଚାୟତ ନିର୍ବାଚନରେ ବିଞ୍ଝାରପୁର ବ୍ଲକରେ ବିଜେଡିକୁ ୪୮,୯୯୨ ଓ ଭାଜପାକୁ ୪୦,୬୭୮ ଭୋଟ, କୋରେଇ ବ୍ଲକରେ ବିଜେଡି ୪୫୦୪୧, ଭାଜପା ୨୭,୬୪୨ ଓ କଂଗ୍ରେସକୁ ୨୦୯୩୩, ରସୁଲପୁର ବ୍ଲକରେ ବିଜେଡି ୪୭,୬୭୩ ଓ ଭାଜପା ୪୫,୫୨୪ ଭୋଟ, ବରୀ ବ୍ଲକରେ ବିଜେଡି ୪୦,୩୩୧ ଓ ଭାଜପାକୁ ୪୩,୮୨୮ ଭୋଟ, ସୁକିନ୍ଦା ବ୍ଲକରେ ବିଜେଡିକୁ ୪୧,୫୫୯, ଭାଜପା ୭୫୪୩ ଓ କଂଗ୍ରେସକୁ ୨୦,୨୩୩ ଭୋଟ, ଦାନଗଦିରେ ଭାଜପା ୬୪୧୮, ବିଜେଡି ୩୫,୬୬୩ ଓ କଂଗ୍ରେସକୁ ୨୭,୫୦୧ ଭୋଟ, ବଡ଼ଚଣା ବ୍ଲକରେ ବିଜେଡି ୬୩,୨୬୬, ଭାଜପା ୩୦,୨୧୬ ଓ କଂଗ୍ରେସକୁ ୨୭,୬୮୧ ଭୋଟ, ଦଶରଥପୁର ବ୍ଲକରେ ବିଜେଡିକୁ ୫୯,୬୮୭, ଭାଜପାକୁ ୫୦୬୪୯ ଓ କଂଗ୍ରେସକୁ ମାତ୍ର ୮୨୬୮ ଭୋଟ ଏବଂ ଯାଜପୁର ବ୍ଲକରେ ବିଜେଡି ୫୪,୯୧୨ ଓ ଭାଜପା ୨୭,୭୧୧ ଭୋଟ ପାଇଥିଲେ। ଏହି ଭୋଟ ପରିସଂଖ୍ୟାନକୁ ଅବଲୋକନ କରି ବରୀରୁ ଦେବାଶିଷ ନାୟକ ଓ କୋରେଇରୁ ଆକାଶ ଦାସନାୟକ ବିଜେଡି ଟିକେଟରୁ ବଞ୍ଚିତ ହୋଇଥିଲେ। ଏହି କାରଣରୁ ଚଳିତ ନିର୍ବାଚନରେ ଜିତିବାକୁ ହିଂସା ହିଁ ଏକମାତ୍ର ପନ୍ଥା ବୋଲି ନେତାମାନେ ଭାବି ନେଇଥିବା ଅଭିଯୋଗ ହୋଇଛି।

## ୨୭ରୁ ପୋଲିଓ ବୁନ୍ଦା

ଯାଜପୁର ଅଫିସ,୨୫।୨

ପୋଲିଓ, ମିଶନ ଇନ୍ଦ୍ରଧନୁଷ, କୋଭିଡ୍ ଟିକାକରଣକୁ ନିଶ୍ଚିତ କରିବା ପାଇଁ ଟାସ୍କଫୋର୍ସ କମିଟି ବୈଠକରେ ପରାମର୍ଶ ଦିଆଯାଇଛି। ଅତିରିକ୍ତ ଜିଲାପାଳ(ରାଜସ୍ୱ) ଅକ୍ଷୟ କୁମାର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଭିଡିଓ କନଫରେନ୍ସରେ ଏହି କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ଆସନ୍ତା ୨୭ ତାରିଖରୁ ଆରମ୍ଭ ହେଉଥିବା ପଲ୍‌ସ ପୋଲିଓ ବୁନ୍ଦା ପ୍ରଦାନ କାର୍ଯ୍ୟକ୍ରମକୁ ଶତ ପ୍ରତିଶତ ସଫଳ କରିବା ପାଇଁ ସେ ଗୁରୁତ୍ୱ ଦେଇଥିଲେ। ଆଲୋଚନାରେ ସିଡିଏମଓ ଡା. ବିରଞ୍ଚି ନାରାୟଣ ବାରିକ, ଡା. ଶିବାଶିଷ ମହାରଣା, ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ରାଜ୍ୟ ସଂଯୋଜକ ଡା. ଦୀପକ କୁମାର କର, ଜିଲା ଶିକ୍ଷା ଅଧିକାରୀ ରଞ୍ଜନ କୁମାର ଗିରି, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଡିପିଏମ୍ ଚିନ୍ମୟ ବରାଳ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଜନ୍ମରୁ ୫ ବର୍ଷ ବୟସର ୧୮,୧୩୩୪ ଶିଶୁଙ୍କୁ ୮୪୬ ବୁଥ୍‌ରେ ପୋଲିଓ ବୁନ୍ଦା ପ୍ରଦାନ କରାଯିବ। ଏଥିପାଇଁ ୩,୩୮୪ ସଦସ୍ୟ ନିୟୋଜିତ ହେବେ। ୧୬୫ ସୁପରଭାଇଜର ତଦାରଖ କରିବେ। ଫେବୃୟାରୀ ୨୮ ଓ ମାର୍ଚ୍ଚ ୧ରେ ଘରକୁ ଘର ବୁଲି ସଦସ୍ୟମାନେ ପୋଲିଓ ବୁନ୍ଦା ପ୍ରଦାନକ ରିବେ ବୋଲି ସିଡିଏମଓ ବାରିକ ସୂଚନା ଦେଇଥିଲେ। ସେହିପରି ମିଶନ ଇନ୍ଦ୍ରଧନୁଷ କାର୍ଯ୍ୟକ୍ରମରେ ୧,୩୬୪ ଶିଶୁ ଓ ୧୯୪ ଗର୍ଭବତୀ ମହିଳାଙ୍କୁ ସାମିଲ କରାଯାଇଛି। କୋଭିଡ ଟିକାକରଣ ୧୮ ବର୍ଷରୁ ଊର୍ଦ୍ଧ୍ୱ ୧୩,୯୫,୦୯୭ ଜଣ ପ୍ରଥମ, ୧୧,୫୨,୪୭୩ ଜଣ ଦ୍ୱିତୀୟ ଡୋଜ୍ ନେଇଥିବା ବେଳେ ୧୫ରୁ ୧୮ ବର୍ଷ ବୟସର ୮୫,୯୦୫ ଜଣ ପ୍ରଥମ ଓ ୪୨,୭୬୨ ଜଣ ଦ୍ୱିତୀୟ ଡୋଜ ଟିକା ନେଇଛନ୍ତି।

## ଶୃଙ୍ଖଳିତ ଭୋଟ ଗଣତି ପାଇଁ ସର୍ବଦଳୀୟ ବୈଠକ



ବୈଠକରେ ଉପସ୍ଥିତ ପ୍ରଶାସନିକ ଅଧିକାରୀ ଓ ବିଭିନ୍ନ ଦଳର ନେତା।

ଚଣ୍ଡିଖୋଲ,୨୫।୨(ଡି.ଏନ.ଏ.)

ପଞ୍ଚାୟତ ନିର୍ବାଚନର ଭୋଟ ଗଣତି ପ୍ରକ୍ରିୟା ଶନିବାରରୁ ଆରମ୍ଭ ହେବ। ଚଣ୍ଡିଖୋଲସ୍ଥିତ ବାବା ଭୈରବାନନ୍ଦ ମହାବିଦ୍ୟାଳୟ ପରିସରରେ ଏହା ୩ ଦିନ ଧରି ଚାଲିବ। ଏନେଇ ଶୁକ୍ରବାର ବଡ଼ଚଣା ବ୍ଲକରେ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଡିଓ ଅଜିତ୍ ନାରାୟଣ ପ୍ରସାଦଗିରିଙ୍କ ଅଧ୍ୟକ୍ଷତାରେ ବିଜେଡି, ଭାଜପା ଓ କଂଗ୍ରେସ ସମେତ ସ୍ୱାଧୀନ ପ୍ରାର୍ଥୀଙ୍କୁ ବୈଠକକୁ ଆମନ୍ତ୍ରଣ କରାଯାଇଥିଲା। ଶନିବାର ୧୬ନଂ. ଜିଲା ପରିଷଦ ଜୋନ୍ ସମେତ ଏହା ଅନ୍ତର୍ଗତ ୯ ପଞ୍ଚାୟତ ଭୁଷଣ୍ଡପୁର, ବୈରୀ, ଦର୍ପଣ, ସୋଲର, ଶିହା, ସମିଆଁ, କାଇମାଟିଆ, ପାରିଆ ଓ ଶାଳପଡ଼ାର ସରପଞ୍ଚ, ସମିତିସଭ୍ୟ ଓ ୱାର୍ଡ ସଭ୍ୟଙ୍କ ଫଳଫଳ ପ୍ରକାଶ ପାଇବ। ରବିବାର ୧୭ନଂ. ଜିଲା ପରିଷଦ ଜୋନ୍ ସମେତ ଏହା ଅନ୍ତର୍ଗତ ବନ୍ଦାଳୋ, ବନ୍ତଳା, ବଡ଼ଚଣା, ଧାନମଣ୍ଡଳ, ଚଣ୍ଡିତଳ, ଖଇରା, ଶାନ୍ତିପୁର ଓ ସୁଗୁଡ଼ା ଏବଂ ୧୮ ନଂ. ଜିଲା ପରିଷଦ ଜୋନ୍ ସମେତ ଅଣକା, ଅରଖପୁର, ବଡ଼ଘୁମୁରୀ, ଚମ୍ପାପୁର, ଛତିଆ, କୁନ୍ଦଳ, ନେଳିଆ ଓ ରାଧାଦେଇପୁର ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ଓ ୱାର୍ଡ ସଭ୍ୟଙ୍କ ଫଳ ପ୍ରକାଶ ପାଇବ। ସୋମବାର ୧୯ ନଂ. ଜୋନ୍‌ର ଅଚ୍ୟୁତବସନ୍ତ, ବଡ଼ବାଲିକୁଦା, ବାଲିଚନ୍ଦ୍ରପୁର, ବରପଦା, ଚାରିନଙ୍ଗଳ, ମଝିପଡ଼ା, ମାଣ୍ଟୁକା, ନଳୀପୁର, ପତରାଜପୁର ଏବଂ ୨୦ ନମ୍ବର ଜୋନ୍‌ର ବାଲିପଡ଼ିଆ, ବରଦା, ଭରତପୁର, ବିକ୍ରମତିରଣ, ଗୋପାଳପୁର, କୋଲଣଗିରି, ପଲେଇ, ରଇପୁର ଓ ସାଉଡ଼ିଆ ପଞ୍ଚାୟତର ଭୋଟ ଗଣତି କରାଯିବ ବୋଲି ନିର୍ବାଚନ ଅଧିକାରୀ ତଥା ବିଡିଓ ପ୍ରକାଶ କରିଛନ୍ତି। ବୈଠକରେ ବିଭିନ୍ନ ଦଳର ପ୍ରାର୍ଥୀ ଓ କର୍ମୀ ବୁଥ୍‌ରେ ପ୍ରିଜାଇଡିଂ ଏବଂ ପୋଲିଂ ଅଫିସରଙ୍କ ଦ୍ୱାରା ହୋଇଥିବା ବେଆଇନ କାର୍ଯ୍ୟ ସମ୍ପର୍କରେ ଉପସ୍ଥାପନ କରିଥିଲେ। ଗ୍ରାମପଞ୍ଚାୟତ ଅଧିକାରୀ ଅମିୟ ନାଥ ଓ ବିତ୍ତ ଅଧିକାରୀ ସଂଗ୍ରାମ କେଶରୀ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ସମସ୍ତଙ୍କ ସହଯୋଗ ରହିଲେ ଭୋଟ୍ ଗଣତି ଶୀଘ୍ର ଓ ଶୃଙ୍ଖଳିତ ହୋଇପାରିବ ବୋଲି ବିଡିଓ କହିଥିଲେ। ପରେ ଗଣତି ପ୍ରକ୍ରିୟାରେ ସାମିଲ ଅଧିକାରୀଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ଯାଜପୁର ଅତିରିକ୍ତ ଜିଲାପାଳ ମିହିର ପ୍ରସାଦ ମହାନ୍ତି ଗଣତି କେନ୍ଦ୍ରରେ ପର୍ଯ୍ୟବେକ୍ଷକ ଭାବେ ଯୋଗଦେବେ। ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ତହସିଲଦାର ପ୍ରଦୀପ ସେଠୀ, ଅତିରିକ୍ତ ତହସିଲଦାର ନିରଞ୍ଜନ ଗୁରୁ ପ୍ରମୁଖ ଉପସ୍ଥିତ ଥିଲେ।

## କଳିଙ୍ଗନଗର ଶିଳ୍ପାଞ୍ଚଳରେ ପରିବେଶ ସୁରକ୍ଷା କମିଟି

ଯାଜପୁର ଅଫିସ,୨୫।୨

କଳିଙ୍ଗନଗର ଶିଳ୍ପାଞ୍ଚଳ ସହ ସୁକିନ୍ଦା ଖଣି ଅଞ୍ଚଳରେ ବାୟୁ ଓ ଜଳ ପ୍ରଦୂଷଣ ଉତ୍କଟ ହେଉଥିବା ଅଭିଯୋଗ ହେବା ପରେ ଶୁକ୍ରବାର ପରିବେଶ ସୁରକ୍ଷା କମିଟି ଗସ୍ତ କରି ଫେରିଛି। ଏଥିରେ ଏନ୍‌ଜିଟିର ଆଡଭୋକେଟ ରିତିକ ଦତ୍ତ, ରାହୁଲ ଚୌଧୁରୀଙ୍କ ସହ ପରିବେଶବିତ୍ ପ୍ରଫୁଲ୍ଲ ସାମନ୍ତରା, ଏନ୍‌ଏପିଏମ୍‌ର ରାଜ୍ୟ କନଭେନର କଲ୍ୟାଣ ଆନନ୍ଦ, ବିଜୟ ପରିଡ଼ା ପ୍ରମୁଖ ସାମିଲ ରହିଥିଲେ। ତେବେ ଏହି କମିଟି କଳିଙ୍ଗନଗର ଓ ସୁକିନ୍ଦାର ପ୍ରଦୂଷିତ ଅବସ୍ଥା ଦେଖି ଏସ୍‌ପିସିବି ପକ୍ଷରୁ ରିପୋର୍ଟ ଦାଖଲରେ କିଭଳି ରଫାଦଫା ହେଉଛି ସେ ନେଇ ଉଦ୍‌ବେଗ ପ୍ରକାଶ କରିଥିବା ସୂଚନା ମିଳିଛି। ମାନପୁର ରେଲୱେ ସାଇଡିଂ ଯୋଗୁ ଦାନଗଦୀ ବ୍ଲକ ଧୂଳିଗଡ଼ ପଞ୍ଚାୟତର ମାନପୁର, ସୁଆଁଲୋ ଗ୍ରାମରେ ଧୂଳି ଧୂଆଁରେ ଲୋକଙ୍କ ଜନ ଜୀବନ ଅସ୍ତବ୍ୟସ୍ତ ହେବା ସହ ୮୦ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ଜୀବନ ଯାଇଛି। ସେହିପରି କଳିଙ୍ଗନଗର ଶିଳ୍ପାଞ୍ଚଳ ଯଖପୁରା କୁଡୁମୀସାହିରେ ୧୨ ଜଣଙ୍କ ଜୀବନ ଯାଇଥିବା ଉପରେ କମିଟି ବୁଝାଶୁଝା କରିଥିଲା। କଳିଙ୍ଗନଗର ଶିଳ୍ପାଞ୍ଚଳର ବିଭିନ୍ନ କାରଖାନାରୁ ବିଷାକ୍ତ ଧୂଆଁ ନିର୍ଗତ ହେଉଥିବା ସେମାନେ ଦେଖିବାକୁ ପାଇଥିଲେ। ସେହିପରି ବିଭିନ୍ନ କାରଖାନାରୁ ପ୍ରଦୂଷିତ ଜଳ ଗଣ୍ଡନାଳରେ ପଡ଼ି ଅଞ୍ଚଳକୁ ପ୍ରଦୂଷିତ କରୁଥିବା ସେମାନେ ଜାଣିବାକୁ ପାଇଛନ୍ତି। ସାରଙ୍ଗପୁର, ଖୁରୁଣ୍ଟି, ବାରଗାଡ଼ିଆ ପ୍ରଭୃତି ଗ୍ରାମବାସୀ କାରଖାନାର ବାୟୁ ପ୍ରଦୂଷଣରେ ଅତିଷ୍ଠ ହେଉଥିବା ନେଇ କମିଟି ପକ୍ଷରୁ ତଦନ୍ତ କରାଯାଇଥିଲା।



ପରିବେଶ ସୁରକ୍ଷା କମିଟି ସଦସ୍ୟ ଅଞ୍ଚଳ ପରିକ୍ରମା କରୁଛନ୍ତି।

## ରୋଟାରି କ୍ଲବର ଜନ୍ମଦିନ ପାଳିତ

ଧର୍ମଶାଳା,୨୫।୨(ଡି.ଏନ.ଏ.)

ଧର୍ମଶାଳା ମହିଳା ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ରୋଟାରି ଇଣ୍ଟରନ୍ୟାଶନାଲର ୧୧୭ତମ ଜନ୍ମ ଦିବସ ଜାରକା ରୋଟାରି କ୍ଲବ ଓ ଇନରହୁଇଲ କ୍ଲବ ପକ୍ଷରୁ ପାଳିତ ହୋଇଯାଇଛି। ରୋଟାରି କ୍ଲବ ଜାରକାର ସଭାପତି ନିରଞ୍ଜନ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ବରିଷ୍ଠ ସଦସ୍ୟ ତଥା ଅବସରପ୍ରାପ୍ତ ସିଡିଏମ୍‌ଓ ଡା. ବିଜୟ କୁମାର ଶତପଥୀ, ଧର୍ମଶାଳା କଲେଜ ଅବସରପ୍ରାପ୍ତ ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ଚ୍ୟାଉପଟ୍ଟନାୟକ, ପିପି ବିନୋଦ ବିହାରୀ ପରିଡ଼ା, ଅଜାମ୍ବର ସାହୁ, ଜୟପ୍ରକାଶ ତ୍ରିପାଠୀ, ଇନରହୁଇଲର ସଦସ୍ୟା ତଥା ମହିଳା ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷା ଇନ୍ଦୁପ୍ରଭା ସାମଲ, ପିପି ମିନତୀ ସାହୁ, ମାଧୁରୀ ଶତପଥୀ, ଅର୍ପିତା ନାୟକ, ବେବି ପରିଡ଼ା ପ୍ରମୁଖ ଯୋଗଦେଇ ରୋଟାରି ସମ୍ପର୍କରେ ସୂଚନା ଦେବା ସହ ଛାତ୍ରୀଙ୍କୁ ଆତ୍ମ ସୁରକ୍ଷା, ସ୍ୱାସ୍ଥ୍ୟ ସଚେତନତା ଓ ସଡ଼କ ସୁରକ୍ଷା ଉପରେ ଅବଗତ କରିଥିଲେ। ରୋଟାରୀ କ୍ଲବ ସମ୍ପାଦକ ଜ୍ୟୋତି ଆଚାର୍ଯ୍ୟ ବିବରଣୀ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ରୋଟାରିଆନ ସୁଶାନ୍ତ ସ୍ୱାଇଁ, ପ୍ରମୋଦ ସାମଲ, ଜୟନ୍ତ ସାହୁ, ବିଜୟ କୁମାର ମିଶ୍ର, ଚକ୍ରଧର ଲେଙ୍କା, ଦେବେନ୍ଦ୍ର ସାହୁ, ଅମୂଲ୍ୟ ମହାରଣା ଓ ଇନରହୁଇଲ କ୍ଲବ ପକ୍ଷରୁ କଳ୍ପନା ଖୁଣ୍ଟିଆ, କାଦମ୍ବିନୀ ମିଶ୍ର ଓ ସଂଘମିତ୍ରା ସାହୁ ପ୍ରମୁଖ ସହାୟତା କରିଥିଲେ। ମହିଳା ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀ ଉପସ୍ଥିତ ଥିଲେ।

## ଶିଶୁ ଅଧିକାର ସଚେତନତା ବୈଠକ




ବୈଠକରେ ଯୋଗ ଦେଇଥିବା ଅଧିକାରୀ ଉଦ୍‌ବୋଧନ ଦେଉଛନ୍ତି।

ଯାଜପୁର ଅଫିସ,୨୫।୨

ଜିଲା ଶିଶୁ ସୁରକ୍ଷା ୟୁନିଟ ଓ ଆକ୍ସନ ଏଡ୍ ଅନୁଷ୍ଠାନ ମିଳିତ ସହଯୋଗରେ ଶୁକ୍ରବାର ବୈଷ୍ଣବ ଦତ୍ତ ଉଚ୍ଚ ବିଦ୍ୟାଳୟରେ ଶିଶୁ ସୁରକ୍ଷା ଓ ବାଲ୍ୟ ବିବାହ ମୁକ୍ତ ସମାଜ ସମ୍ପର୍କିତ ବୈଠକ ଅନୁଷ୍ଠିତ ହୋଇଥିଲା। ବାଲ୍ୟ ବିବାହ ରୋକିବାକୁ ଟାସ୍କ ଫୋର୍ସ ଗଠନ ସହ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି ବୋଲି ଜିଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କର କହିବା ସହ କୌଣସି କ୍ଷେତ୍ରରେ ଏଭଳି ଘଟଣା ଦୃଷ୍ଟିଗୋଚର ହେଲେ ହେଲ୍‌ପ ଲାଇନ ନଂ.୧୦୯୮କୁ କଲ୍ କରିବାକୁ ଅନୁରୋଧ କରିଥିଲେ। ଆକ୍ସନ ଏଡ୍ ଅନୁଷ୍ଠାନର ଜିଲା ସଂଯୋଜକ ସୁରେନ୍ଦ୍ର ଡିଗାଲ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ବୈଷ୍ଣବ ଦତ୍ତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ନିରୁପମା ମହାନ୍ତି ପ୍ରମୁଖ ବୈଠକରେ ଯୋଗଦେଇଥିଲେ।

## ବିଞ୍ଝାରପୁର ବ୍ଲକ୍‌ର ୮ ବୁଥ୍‌ରେ ସାନି ମତଦାନ

ବିଞ୍ଝାରପୁର,୨୫।୨(ଡି.ଏନ.ଏ.)

ବିଞ୍ଝାରପୁର ବ୍ଲକ ଅଧୀନ ୪ ପଞ୍ଚାୟତର ୮ ବୁଥ୍‌ରେ ଶୁକ୍ରବାର ସାନି ମତଦାନ ଅନୁଷ୍ଠିତ ହୋଇଛି। ଏଥିଲାଗି ପ୍ରଶାସନ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ବ୍ଲକ୍ ଅଧୀନ ବାଚ୍ଛୋଳ ପଞ୍ଚାୟତର ୨, ୪, ୬, ୭ ଓ ୮ ନଂ. ବୁଥ୍ ସମେତ ଜରି ପଞ୍ଚାୟତର ୧୪ ନଂ. ବୁଥ୍, ବିତନା ପଞ୍ଚାୟତର ୬ ନଂ.ବୁଥ୍ ଓ ଉତ୍ତଙ୍ଗରା ପଞ୍ଚାୟତର ୩ ନଂ.ବୁଥ୍‌ରେ ମତଦାନ ହୋଇଛି। ଏସବୁ କେନ୍ଦ୍ରରେ ୬୯.୯ ଶତକଡ଼ା ମତଦାନ ହୋଇଥିବା ବିଡିଓ ମିନତି ଜଗଦେବ ସୂଚନା ଦେଇଛନ୍ତି। ଗତ ରବିବାର ଭୋଟ୍ ଗ୍ରହଣ ବେଳେ ବାଚ୍ଛୋଳ ପଞ୍ଚାୟତର ୫ଟି ବୁଥ୍‌ରେ ରିଗିଂ ହେବା ସହ ଭୋଟ୍ ବାକ୍ସ ଫୋପଡ଼ା ଯାଇଥିଲା। ଜରି, ବିତନା ଓ ଉତ୍ତଙ୍ଗରା ପଞ୍ଚାୟତର ଗୋଟିଏ ଲେଖା ବୁଥ୍‌ରେ ରିଗିଂ କାରଣରୁ ମତଦାନ ବାତିଲ ହୋଇଥିଲା।

## ଚାଲିଛି ହାର୍‌ଜିତ୍ ଆକଳନ

ଚଣ୍ଡିଖୋଲ,୨୫।୨(ଡି.ଏନ.ଏ.)

### ବଡ଼ଚଣା ବ୍ଲକ ରାଜନୀତି

ବଡ଼ଚଣା ବ୍ଲକର ୪୩ ପଞ୍ଚାୟତରେ ୧୮ ତାରିଖରେ ମତଦାନ ଶେଷ ହୋଇଛି। ଏହାପରେ ପ୍ରାର୍ଥୀ ହାର୍‌ଜିତକୁ ନେଇ ଅଙ୍କ କଷିବାରେ ବ୍ୟସ୍ତ ଅଛନ୍ତି। ୬୩୭ୱାର୍ଡ ପାଇଁ ୧ଲକ୍ଷ ୪୬ ହଜାର ୧୨୮ଜଣ ଭୋଟର ମତଦାନ କରିଛନ୍ତି। ୪୩ ପଞ୍ଚାୟତ ସମେତ ୫ଟି ଜୋନ୍ ଜିଲା ପରିଷଦ ସଭ୍ୟ ପାଇଁ ୭୫.୧୨ପ୍ରତିଶତ ମତଦାନ ହୋଇଥିବା ନିର୍ବାଚନ ଅଧିକାରୀଙ୍କଠାରୁ ସୂଚନା ମିଳିଛି।

ତେବେ ୨୬ତାରିଖରୁ ଭୋଟ୍ ଗଣନା କାର୍ଯ୍ୟ ଆରମ୍ଭ ହେବ। ଏହା ପୂର୍ବରୁ ପ୍ରାର୍ଥୀ ସେମାନଙ୍କ ଆକଳନ କରୁଥିଲାବେଳେ ଏହି ଗଣିତ କେତେବେଳେ ଠିକ୍ ହେଉଛି ତ କେତେବେଳେ ଭୁଲ୍ ହୋଇଯାଉଛି। ବିଭିନ୍ନ ଦଳର ପ୍ରାର୍ଥୀ ଦଳୀୟ କର୍ମୀଙ୍କ ବିରୋଧକୁ ନେଇ ଆଶଙ୍କାରେ ଅଛନ୍ତି। ଏ ପର୍ଯ୍ୟନ୍ତ ଦୈନିକ ହାରଜିତ୍‌ର ଅଙ୍କକଷା ଚାଲିଥିଲା ବେଳେ ତାହା ଛିଡ଼ି ପାରୁ ନ ଥିବା ଦେଖିବାକୁ ମିଳିଛି। ଫଳରେ ଆଶା ଓ ଆଶଙ୍କା ମଧ୍ୟରେ ପ୍ରାର୍ଥୀ ରହିଛନ୍ତି। ବଡ଼ଚଣା ବ୍ଲକର ୫ ଜିଲା ପରିଷଦ ଜୋନ୍‌ରେ ୧୭ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଥିଲାବେଳେ ୪୩ ପଞ୍ଚାୟତରେ ୧୬୫ ସରପଞ୍ଚ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଥିଲେ। ସେଥିରୁ ଧାନମଣ୍ଡଳ ପଞ୍ଚାୟତର ଜଣେ ପ୍ରାର୍ଥୀଙ୍କ ମୃତ୍ୟୁ ଘଟିବାରୁ ସେଠାରେ ନିର୍ବାଚନ ସ୍ଥଗିତ ରହିଛି। ଯେଉଁଥି ପାଇଁ ପଞ୍ଚାୟତରୁ ନିର୍ବାଚନ ମଇଦାନରେ ଅବତୀର୍ଣ୍ଣ ହୋଇଥିବା ୫ଜଣ ପ୍ରାର୍ଥୀଙ୍କ ନିର୍ବାଚନ ସ୍ଥଗିତ ରହିଛି। ସେହିଭଳି ୪୩ ପଞ୍ଚାୟତର ସମିତିସଭ୍ୟ ପଦବୀ ପାଇଁ ୧୨୭ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିଛନ୍ତି। ତେବେ ସେମାନଙ୍କ ମଧ୍ୟରୁ କିଏ ବିଜୟୀ ହେବ ତାହାକୁ ନେଇ ଅଙ୍କକଷା ଆରମ୍ଭ ହୋଇଛି। ଚଣ୍ଡିଖୋଲସ୍ଥିତ ବାବା ଭୈରବାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଷ୍ଟ୍ରଙ୍ଗ ରୁମ୍ ମଧ୍ୟରେ ଭୋଟ୍ ବାକ୍ସ ଗଚ୍ଛିତ ହୋଇ ରହିଛି। ୨୬ ତାରିଖରେ ୧୬ନମ୍ବର ଜୋନ୍‌ର ଜିଲା ପରିଷଦ ପ୍ରାର୍ଥୀଙ୍କ ସମେତ ୯ ପଞ୍ଚାୟତର ପ୍ରାର୍ଥୀଙ୍କ ଫଳାଫଳ ଜଣାପଡ଼ିବ। ୨୭ତାରିଖରେ ୧୭ନମ୍ବର ଓ ୧୮ନମ୍ବର ଦୁଇ ଜିଲା ପରିଷଦ ଜୋନ୍ ମଧ୍ୟରେ ରହିଥିବା ୧୬ ପଞ୍ଚାୟତର ଭୋଟ୍ ଗଣତି କାର୍ଯ୍ୟ କରାଯିବାକୁ ସ୍ଥିର ହୋଇଛି। ୨୮ତାରିଖରେ ୧୯ନମ୍ବର ଓ ୨୦ ନମ୍ବର ୨ ଜିଲାପରିଷଦ ଜୋନ୍ ସମେତ ୧୮ଟି ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟ ପ୍ରାର୍ଥୀଙ୍କ ଫଳାଫଳ ପ୍ରକାଶ ପାଇବ ବୋଲି ବ୍ଲକ ନିର୍ବାଚନ ଅଧିକାରୀ ବଡ଼ଚଣା ବିଡିଓ ଅଜିତ୍ ନାରାୟଣ ଗିରି ସୂଚନା ଦେଇଛନ୍ତି। ତେବେ ଫଳାଫଳ ପ୍ରକାଶ ପରେ ହିଁ ହାର୍‌ଜିତର ଅଙ୍କ ସ୍ପଷ୍ଟ ହେବ।

## ସହର ଭିତରେ ଫ୍ଲାଏ ଆଶ୍ ଇଟା କାରଖାନା

ଯାଜପୁର ସଦର,୨୫।୨(ଡି.ଏନ.ଏ.)

ଯାଜପୁର ତହସିଲ ଅନ୍ତର୍ଗତ ଯାଜପୁର ସହର ଭିତରେ ଏକ ଫ୍ଲାଏ ଆଶ୍ ଇଟା କାରଖାନା ଚାଲିଛି। ଏହି କାରଖାନାରେ ନମ୍ବର ବିହୀନ ଗାଡ଼ିଗୁଡ଼ିକୁ ଇଟା ପରିବହନ କାର୍ଯ୍ୟରେ ନିୟୋଜିତ କରାଯାଇଛି। ଏଥିସହିତ ଇଟା ଅନ୍‌ଲୋଡିଂ ପାଇଁ ଶିଶୁ ଶ୍ରମିକମାନଙ୍କୁ ନିୟୋଜିତ କରାଯାଉଛି। ସହର ଭିତରେ ଶିଶୁ ଶ୍ରମିକମାନଙ୍କୁ ନେଇ ଇଟା ପରିବହନ ପୋଲିସ୍ ଜାଣତରେ ହେଉଛି। ଏହାବାଦ କାରଖାନାରୁ ବାହାରୁଥିବା ଧୂଆଁ, ଇଟା ତିଆରି ମେଶିନର ଶବ୍ଦରେ ଜନ ସାଧାରଣ ଅତିଷ୍ଠ ହେଉଥିବା ଅଭିଯୋଗ ହେଉଛି। ସହର ଭିତରେ ଇଟା କାରଖାନାକୁ କିପରି ଅନୁମତି ମିଳିଲା ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଗୁରୁବାର ଅପରାହ୍ନରେ ଏହି କାରଖାନାରୁ ୨ଟି ନମ୍ବର ବିହୀନ ଟ୍ରାକ୍ଟର ମାଧ୍ୟମରେ ଇଟା ବୋଝେଇ ହୋଇ ଯାଉଥିବା ବେଳେ ରାସ୍ତାରେ ଓଲଟି ପଡ଼ିଥିଲା। ଟ୍ରାକ୍ଟର ଉପରେ ବସି ଇଟା ଖଲାସ୍ କରିବାକୁ ଯାଉଥିବା ୨ଜଣ ନାବାଳିକା ଶ୍ରମିକ ଗୁରୁତର ଆହତ ହୋଇ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ଜଣକ ହାତରେ ଗଭୀର ଆଘାତ ଲାଗିଛି ଓ ଅନ୍ୟ ଜଣେ ଘରକୁ ଫେରି ଯାଇଥିବା ଜଣାପଡ଼ିଛି। ଦୁର୍ଘଟଣା ପରେ ୧ଘଣ୍ଟା ପର୍ଯ୍ୟନ୍ତ ୨୦ନମ୍ବର ଜାତୀୟ ରାଜପଥ ଅବରୋଧ ହୋଇଥିଲାବେଳେ ଯାଜପୁର ପୋଲିସ୍ ଘଟଣାସ୍ଥଳରେ ପହଞ୍ଚି ନମ୍ବର ବିହୀନ ଟ୍ରାକ୍ଟରକୁ ଜବତ କରି ଯାତାୟାତକୁ ସ୍ୱାଭାବିକ କରିଥିଲା। ପ୍ରଶାସନ ଆଖି ଆଗରେ ଶିଶୁ ଶ୍ରମିକ ବିପଦପୂର୍ଣ୍ଣ ଭାବେ ଖଟୁଥିବାରୁ ସଚେତନ ନାଗରିକମାନେ କ୍ଷୋଭ ପ୍ରକାଶ କରୁଛନ୍ତି। ଘଟଣା ସମ୍ପର୍କରେ ସ୍ଥାନୀୟ ମହାବୀରନଗର ବାସିନ୍ଦା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କରଙ୍କୁ ଅବଗତ କରିବା ସହ ବେଆଇନ୍ କାର୍ଯ୍ୟ ସମ୍ପର୍କରେ ଟାଉନ୍ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏ ସଂକ୍ରାନ୍ତରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଏସ୍‌ପିସିବି) କଳିଙ୍ଗନଗର ଆଞ୍ଚଳିକ ଅଧିକାରୀ ପ୍ରମୋଦ କୁମାର ବେହେରାଙ୍କୁ ପଚାରିବାରେ ସେ କହିଛନ୍ତି ଇଟାଭାଟି ଅନୁମତି ତାଙ୍କ ପରିସର ବାହାରେ। ଯଦି ଏଥିପାଇଁ ପ୍ରଦୂଷଣ ହେଉଛି ତେବେ ବିଭାଗ ପକ୍ଷରୁ ନିଶ୍ଚିତ ଭାବେ ପଦକ୍ଷେପ ଗ୍ରହଣ କରାଯିବ।




ଇଟା ବୋଝେଇ ଗାଡ଼ି ଦୁର୍ଘଟଣାଗ୍ରସ୍ତ ହୋଇଛି।

### ପରିବହନ ବେଳେ ନାବାଳିକା ଶ୍ରମିକ ଗୁରୁତର

## ସଂକ୍ଷେପରେ

### ଦମ୍ପତିଙ୍କୁ ଆକ୍ରମଣ ମାମଲା, ଅଭିଯୁକ୍ତ ଗିରଫ

ଆସିକା,୨୫।୨(ଡି.ଏନ.ଏ):ଆସିକା ଥାନା ବାବନପୁର ଗ୍ରାମରେ ଗତ ୨୨ରେ ପ୍ରମୋଦ ଦାସ (୭୦) ଓ ତାଙ୍କର ସ୍ତ୍ରୀ ଗିରିଜା (୬୦)ଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଥିଲା। ଶୁକ୍ରବାର ପୋଲିସ ଏହି ମାମଲାର ପ୍ରମୋଦଙ୍କ ପଡୋଶୀ ସୁରେନ୍ଦ୍ର ଜେନାଙ୍କୁ କୋର୍ଟ ଚାଲାଣ କରିଥିବା ଥାନାଧିକାରୀ ପ୍ରଶାନ୍ତ କୁମାର ସାହୁ କହିଛନ୍ତି। ଏହି ଦମ୍ପତିଙ୍କୁ ଅଭିଯୁକ୍ତ ଜଣକ ଛୁରାରେ ମରଣାନ୍ତକ ଆକ୍ରମଣ କରିଥିଲେ। ଆକ୍ରମଣରେ ଆହତ ଦମ୍ପତିଙ୍କୁ ବ୍ରହ୍ମପୁର ବଡମେଡିକାଲକୁ ପଠାଯାଇଥିଲା। ଆହତଙ୍କ ପୁଅ ହିମାଂଶୁ ଶେଖରଙ୍କ ଏତଲା କ୍ରମେ ଆସିକା ପୋଲିସ ନଂ.୧୦୧/୨୨ରେ ଏକ ମାମଲା ରୁଜୁ କରିଥିଲା।

### ଆକ୍ରମଣ ମାମଲାରେ ଅଭିଯୁକ୍ତ ଗିରଫ

ଆସିକା,୨୫।୨(ଡି.ଏନ.ଏ): ଆସିକା ଥାନା ଅନ୍ତର୍ଗତ ଗୁଣ୍ଡପଡା ଗ୍ରାମରେ ଗତ ଶନିବାର ସାପୁଆପଲ୍ଲୀ ଗ୍ରାମର ମୁନା ନାହାକଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିଲା। ଏହି ମାମଲାରେ ପୋଲିସ ଶୁକ୍ରବାର ଗୁଣ୍ଡପଡା ଗ୍ରାମର ଚିଣ୍ଟୁ ପାତ୍ରଙ୍କୁ କୋର୍ଟ ଚାଲାଣ କରାଯାଇଛି। ଶନିବାର ମୁନା ଗୁଣ୍ଡପଡା ଗ୍ରାମର ବଳିଆ ନାଇକଙ୍କ ପାଖକୁ ସେ କାମ କରିଥିବା ମଜୁରୀ ଟଙ୍କା ମାଗିବାକୁ ଯାଇଥିବା ବେଳେ ବଳିଆ ଓ ଚିଣ୍ଟୁ ତାଙ୍କୁ ଆକ୍ରମଣ କରିଥିଲେ। ଘଟଣା ସମ୍ପର୍କରେ ଆହତଙ୍କ ଭାଇ ବୁଲା ନାହାକ ଆସିକା ଥାନରେ ଅଭିଯୋଗ କରିବା ପରେ ପୋଲିସ ପକ୍ଷରୁ ନଂ. ୯୩/୨୨ରେ ମାମଲା ରୁଜୁ କରାଯାଇଥିଲା। ଅନ୍ୟଜଣେ ଅଭିଯୁକ୍ତ ଫେରାର ଥିବା ଥାନାଧିକାରୀ ପ୍ରଶାନ୍ତ କୁମାର ସାହୁ କହିଛନ୍ତି।

### ଗୋଷାଣୀ ବ୍ଲକରେ ପୁନଃ ମତଦାନ

ପାରଳାଖେମୁଣ୍ଡି,୨୫।୨(ଡି.ଏନ୍.ଏ.): ରିଗିଂ କରାଯାଇଥିବା ଅଭିଯୋଗକୁ ଭିତ୍ତିକରି ଗୋଷାଣୀ ବ୍ଲକ ଉନ୍ନୟନ ଅଧିକାରୀଙ୍କ ରିପୋର୍ଟ ଅନୁସାରେ ପୁନଃ ମତଦାନ ନିମନ୍ତେ ନିର୍ଦ୍ଦେଶ ଥିଲା। ଶୁକ୍ରବାର ଗୋଷାଣୀ ବ୍ଲକର ୨ଟି ୱାର୍ଡରେ ପୁନଃ ମତଦାନ ହୋଇଛି। ଏ ନେଇ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ଲିଙ୍ଗରାଜ ପଣ୍ଡା ସୂଚନା ଦେଇଛନ୍ତି। ପୂର୍ବାହ୍ନ ୧୦ରୁ ୩ଟା ମଧ୍ୟରେ ବଡଗୋଷାଣୀ ପଞ୍ଚାୟତର ୧୧ ନମ୍ବର ୱାର୍ଡ ଓ ଅଗରଖଣ୍ଡି ପଞ୍ଚାୟତର ୯ ନମ୍ବର ୱାର୍ଡରେ ପୁନଃ ମତଦାନ ହୋଇଥିଲା। ଗୁରୁବାର ମତଦାନ ସମୟରେ ଘଟିଥିବା ବିଶୃଙ୍ଖଳାକୁ ଦୃଷ୍ଟିରେ ରଖି ପୋଲିସ ଓ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

### ହାତଗୋଡ଼ ବନ୍ଧା ମୃତଦେହ ପରିଚୟ ମିଳିଲା

ପାରଳାଖେମୁଣ୍ଡି,୨୫।୨(ଡି.ଏନ୍.ଏ.): ଚନ୍ଦ୍ରଗିରି ନିକଟରେ ହାତଗୋଡ଼ ବନ୍ଧା ଜଣେ ଯୁବକଙ୍କ ମୃତଦେହ ଗୁରୁବାର ମୋହନା ପୋଲିସ ଜବତ କରିଥିଲା। ଶୁକ୍ରବାର ମୃତକ ଯୁବକଙ୍କ ପରିଚୟ ମିଳିଛି। ସେ ହେଲେ ଅଡବା ଥାନା ଖାରିଗୁଡ଼ା ଲମଡାଙ୍ଗ ଗାଁର ଜୋସେଫ ନାୟକ। ଗତ ବୁଧବାର ଜୋସେଫ କେତେଜଣ ସାଙ୍ଗମାନଙ୍କ ସହ ଗାଁରୁ ବାହାରିଥିଲେ। ସେହିଦିନ ରାତିଠାରୁ ତାଙ୍କସହ ଯୋଗାଯୋଗ ହୋଇ ନ ଥିବା ପରିବାର ଲୋକେ କହିଛନ୍ତି। ଜୋସେଫଙ୍କୁ କେତେଜଣ ଯୁବକ ଡାକିନେଇ ହାତଗୋଡ଼ ବାନ୍ଧି ହତ୍ୟା କରିଥିବା ନେଇ ମୃତକଙ୍କ ଭାଇ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ କିଛି ଟଙ୍କା କାରବାରକୁ ନେଇ କିମ୍ବା ଅନ୍ୟ କୌଣସି କାରଣରୁ ହତ୍ୟାକାଣ୍ଡ ଘଟିଛି ତାହା ତଦନ୍ତ ଚାଲିଛି ବୋଲି ଆର.ଉଦୟଗିରି ଏସ୍‌ଡିପିଓ ଦିଲ୍ଲୀପ କୁମାର ନାୟକ ସୂଚନା ଦେଇଛନ୍ତି।

### କାଠ ବୋଝେଇ ଗାଡ଼ି ଜବତ, ୨ ଗିରଫ

ବୁଗୁଡ଼ା,୨୫।୨(ଡି.ଏନ.ଏ.):କରଚୁଲି ସଂରକ୍ଷିତ ଜଙ୍ଗଲ ଭାଗ-୨ ଅନ୍ତର୍ଗତ ତାକରଡା ଗାଁ ଛକ ନିକଟରେ ବନ ବିଭାଗ ପକ୍ଷରୁ ଚଢାଉ କରାଯାଇ ଶାଳ କାଠ ବୋଝେଇ ଏକ ଗାଡିକୁ ଜବତ କରାଯାଇଛି। ଏହି ଘଟଣାରେ ବୁଗୁଡ଼ା ଥାନା ଅନ୍ତର୍ଗତ ଜଗତ ପାଟଣା ଗ୍ରାମର ନାରାୟଣ ଗୌଡ(୪୨) ଓ ଆଦିପୁର ଗ୍ରାମର ବିଦ୍ୟାଧର ଡାକୁଆ (୫୨)ଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଛି। ଏ ନେଇ ବନ ବିଭାଗ ପକ୍ଷରୁ କେସ୍ ନଂ ୨୭୪/୨୧-୨୨ରେ ଏକ ମାମଲା ରୁଜୁ ହୋଇଛି। ଗତ ବୁଧବାର ସକାଳେ ବେଆଇନ ଭାବେ ଶାଳ କାଠ ବୋଝେଇ ଗାଡି (ନଂ-ଓଆର ୧୨ବି-୩୯୫) ବୁଗୁଡ଼ା ଅଭିମୁଖେ ଆସୁଥିବା ଖବର ପାଇ ଭାରପ୍ରାପ୍ତ ବନାଞ୍ଚଳ ଅଧିକାରୀ ସଚିନ କୁମାର ପ୍ରଧାନଙ୍କ ନିର୍ଦ୍ଦେଶରେ ବନ ବିଭାଗ ପକ୍ଷରୁ ତାକରଡା ଗାଁ ଛକ ନିକଟରେ ଚଢାଉ କରାଯାଇ ୩୩.୩୪ ଘନଫୁଟ ପରିମାଣର ୮ଟି ଶାଳ ଗଣ୍ଡି ବୋଝେଇ ଗାଡିକୁ ଜବତ କରାଯାଇଥିଲା। ଉକ୍ତ ଚଢାଉ କାର୍ଯ୍ୟରେ ଭିଜିଲାନ୍ସ ଷ୍ଟାଫ୍ ବିନାୟକ ରଞ୍ଜନ କରଙ୍କ ସମେତ ବନକର୍ମଚାରୀମାନେ ସାମିଲ୍ ଥିଲେ।

# ସ୍ୱଦେଶ ଫେରାଇ ନେବାକୁ ଲିପିଙ୍କ ନିବେଦନ

## ସରିଗଲାଣି ପାଖରେ ଥିବା ଖାଦ୍ୟ

ବ୍ରହ୍ମପୁର ଅଫିସ,୨୫।୨

ୟୁକ୍ରେନରେ ଫସି ରହିଥିବା ଅଧିକାଂଶ ଭାରତୀୟ ଛାତ୍ରୀଛାତ୍ର ରାଜଧାନୀ କ୍ୱିଭ୍‌ରୁ ପ୍ରାୟ ୪୫୦ କି.ମି. ଦୂର ଖାରକିଭ ସହରରେ ଅଛନ୍ତି। କ୍ୱିଭ୍‌ସ୍ଥିତ ଭାରତୀୟ ଦୂତାବାସ ନିକଟରେ ଆଶ୍ରୟ ନେଇଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରେ ବ୍ରହ୍ମପୁର ବିଜୟ ବିହାରର ଏମ୍‌ବିବିଏସ ତୃତୀୟ ବର୍ଷ ଛାତ୍ରୀ ଲିପି ମହାପାତ୍ର ଅଛନ୍ତି। ଲିପି ଖାରକିଭ ଜାତୀୟ ମେଡ଼ିକାଲ ବିଶ୍ୱବିଦ୍ୟାଳୟର ଛାତ୍ରୀ। ଗତ ୨୩ ତାରିଖରେ ସେ ସ୍ୱଦେଶ ପ୍ରତ୍ୟାବର୍ତ୍ତନ ନିମନ୍ତେ ମଧ୍ୟରାତ୍ରରେ ଖାରକିଭରୁ କ୍ୱିଭ୍ ଅଭିମୁଖେ ବାହାରିଥିଲେ। ଗୁରୁବାର ସକାଳ ୬ଟାରେ କ୍ୱିଭ୍‌ରେ ପହଞ୍ଚିବା ପରେ ଲିପିଙ୍କ ସମେତ ବହୁ ଭାରତୀୟ ନାଗରିକ ଋଷ ସେନାଙ୍କ ଆକ୍ରମଣ ସମ୍ପର୍କରେ ଜାଣିବା ପରେ ଭାରତୀୟ ଦୂତାବାସ ପକ୍ଷରୁ ତାଙ୍କୁ ଉଦ୍ଧାର କରାଯାଇଥିଲା। ଦୂତାବାସ ପକ୍ଷରୁ ଯେଉଁ ପରିମାଣରେ ଖାଦ୍ୟ ସଂଗ୍ରହ କରାଯାଉଛି ତାହା ସମସ୍ତଙ୍କ ପାଇଁ ଯଥେଷ୍ଟ ହୋଇପାରୁନି। ବାହାରେ ବୋମାମାଡ଼ ଶବ୍ଦ ଶୁଣିବାକୁ ପାଉଥିବା କହିଛନ୍ତି ଲିପି। ଅନ୍ୟପଟେ ଘର ଲୋକେ ରୁଷର ଆକ୍ରମଣକୁ ଟିଭିରେ ଦେଖି ଭୟଭୀତ ରହୁଥିବା ଯୋଗୁ ସେମାନଙ୍କ ସହ ପ୍ରତି ଘଣ୍ଟାଏରେ ଥରେ ଯୋଗଯୋଗରେ ରହଛନ୍ତି ବୋଲି ଲିପି କହିଛନ୍ତି। ଭାରତ ସରକାରଙ୍କୁ ସେମାନଙ୍କ ଅବସ୍ଥା ସମ୍ପର୍କରେ ଅବଗତ କରାଇବା ସହ କ୍ୱିଭ ଓ ଖାରକିଭରେ ଫସି ରହିଥିବା ସମସ୍ତ ଛାତ୍ରୀଛାତ୍ରଙ୍କୁ ସୁରକ୍ଷିତ ଉଦ୍ଧାର କରିବାକୁ ନିବେଦନ କରିଛନ୍ତି।


ଲିପି ମହାପାତ୍ର।

# ୟୁକ୍ରେନ୍‌ରେ ଫସିଛନ୍ତି କନ୍ଧମାଳ ଛାତ୍ର

କ.ନୂଆଗାଁ,୨୫।୨

କନ୍ଧମାଳ ଜିଲା ଫୁଲବାଣୀ ସହର ବ୍ରାହ୍ମଣ ସାହିରେ ରହୁଥିବା କୁମୁଦ ଚନ୍ଦ୍ର ମଲ୍ଲିକ ଓ କ.ନୂଆଗାଁ ବ୍ଲକରେ କାର୍ଯ୍ୟରତ ସିଡିପିଓ ଦ୍ରୌପଦି କହଁରଙ୍କ ପୁଅ ଜଗଦୀପ ମଲ୍ଲିକ ୟୁକ୍ରେନ ସହର ଡେନିପ୍ରୋର କିବରେ ଫସି ରହିଛନ୍ତି। ୨୬ ବର୍ଷୀୟ ଜଗଦୀପ ଡିନିପ୍ରୋ ପେଟ୍ରୋଭୋଷ୍କ ଷ୍ଟେଟ ମେଡିକାଲ କଲେଜର ଚତୁର୍ଥ ବର୍ଷରେ ଅଧ୍ୟୟନ କରୁଛନ୍ତି। ଜଗଦୀପ ଚାରି ବର୍ଷ ହେଲା ଡାକ୍ତରୀପାଠ ପଢୁଛନ୍ତି। ଗୁରୁବାରରୁ ସେଠାରେ ଯୁଦ୍ଧ ପରିସ୍ଥିତି ଲାଗି ରହିଥିବା ଯୋଗୁ ଭୟ ଓ ଆଶଙ୍କାରେ ରହିଛନ୍ତି। ନିକଟସ୍ଥ ଦୋକାନରୁ ସାଙ୍ଗ ମାନଙ୍କ ସହ କିଛି ଦିନର ସୌଦା କିଣି ଆଣିଛନ୍ତି। ହେଲେ ପୁଅ ଭଲରେ ଅଛି ବୋଲି ଜଗଦୀପ ମା ଓ ବାପାଙ୍କୁ ଭିଡିଓ କଲ ଯୋଗେ କହିଛନ୍ତି। ସୁରକ୍ଷିତ ଭାବେ ଜଗଦୀପ ସହ ସମସ୍ତ ଭାରତୀୟ ଛାତ୍ରଙ୍କୁ ଫେରାଇ ଆଣିବା ପାଇଁ ରାଜ୍ୟ ତଥା କେନ୍ଦ୍ର ସରକାରଙ୍କୁ ଜଗଦୀପଙ୍କ ବାପା ଅବସର ପ୍ରାପ୍ତ ପ୍ରଶାସନିକ ଅଧିକାରୀ କୁମୁଦ ଚନ୍ଦ୍ର ମଲ୍ଲିକ ଓ ମା' କ.ନୂଆଗାଁ ସିଡିପିଓ ଦ୍ରୌପଦୀ କହଁର ନିବେଦନ କରିଛନ୍ତି।


ଜଗଦୀପ ମଲ୍ଲିକ

### ମାଳିକପଡି ପଞ୍ଚାୟତ ଦୁଇ ନମ୍ବର ବୁଥ୍‌ରେ ହେଲା ସାନି ମତଦାନ

ଜି.ଉଦୟଗିରି.୨୫।୨(ଡି.ଏନ.ଏ.)

ଜି.ଉଦୟଗିରି ବ୍ଲକ ମାଳିକପଡି ପଞ୍ଚାୟତର ଦୁଇ ନମ୍ବର ବୁଥ୍‌ରେ କେବଳ ସରପଞ୍ଚ ପ୍ରାର୍ଥୀଙ୍କ ପାଇଁ ସାନି ମତଦାନ ଶୁକ୍ରବାର ଶାନ୍ତି ଶୃଙ୍ଖଳାରେ ସରିଛି। ଏଠାରେ ୨୨ରେ ହୋଇଥିବା ମତଦାନ ବେଳେ ଅନିୟମିତତା ଅଭିଯୋଗ ଆସିଥିଲା। ୫ ଜଣ ସରପଞ୍ଚ ପ୍ରାର୍ଥୀ ଥିବା ବେଳେ ୩ ଜଣ ପ୍ରାର୍ଥୀଙ୍କୁ ଦେଖାଇ ଆଉ ଦୁଇ ଜଣ ପ୍ରାର୍ଥୀଙ୍କୁ ବାଲଟ ପେପରରେ ଫୋଲ୍ଡ କରି ମତଦାତାଙ୍କୁ ଲୁଚା ଯାଉଥିବା ଅଭିଯୋଗ ହୋଇଥିଲା। ଅଭିଯୋଗ ପାଇ ଉପ ଜିଲାପାଳ, ଏସ୍‌ଡିପିଓ, ତହସିଲଦାର, ଥାନାଧିକାରୀଙ୍କ ସହିତ ବିଡିଓ ଆଶିଷ କୁମାର ତ୍ରିପାଠୀ ପହଞ୍ଚି ଘଟଣା ଅନୁଧ୍ୟାନ କରିବା ସହିତ ସେଇ ନିର୍ଦ୍ଦିଷ୍ଟ ବୁଥରେ ସରପଞ୍ଚ ପାର୍ଥୀଙ୍କ ପାଇଁ ମତଦାନ ସ୍ଥଗିତ ଘୋଷଣା କରିଥିଲେ। ଏହି ବୁଥ୍‌ରେ ଅନୁଷ୍ଠିତ ମତଦାନ ସକାଳ ୯ ରୁ ୩ ଟା ପର୍ଯ୍ୟନ୍ତ ହୋଇଥିଲା। ଏଥିରେ ମୋଟ ୨୩୭ ମତଦାତା ରହିଥିବା ବେଳେ ପୁରୁଷ ୧୨୦ ଏବଂ ମହିଳା ୧୧୭ ମତଦାତା ରହିଥିଲେ। ମତଦାନ ୫୭ ପ୍ରତିଶତ ହୋଇଛି। ୨୬ ରୁ ଗଣିତ ଆରମ୍ଭ ହେବାକୁ ଥିବା ବେଳେ ଏବେ ସମସ୍ତଙ୍କ ନଜର ଫଳାଫଳ ଉପରେ ରହିଛି।

# ନିର୍ମାଣ ଶ୍ରମିକ ସଙ୍ଗଠନର ସାଧାରଣ ବୈଠକ

ଫୁଲବାଣୀ ଅଫିସ, ୨୫।୨

ଫୁଲବାଣୀସ୍ଥିତ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଜିଲା ନିର୍ମାଣ ଶ୍ରମିକ ସଙ୍ଗଠନର ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ନିର୍ମାଣ ଶ୍ରମିକମାନଙ୍କ ଦୀର୍ଘ ଦିନରୁ ରହିଥିବା ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ବିଶେଷ କରି ନିର୍ମାଣ ଶ୍ରମିକଙ୍କ ବହୁ ଦିନରୁ ପଡି ରହିଥିବା ସରକାରୀ ସହାୟତା ଯଥା ମୃତ୍ୟୁ କାଳୀନ ସହାୟତା, ଶିକ୍ଷା ବୃତ୍ତି, ପ୍ରସୂତୀ କାଳୀନ ସହାୟତା, ବିବାହ ସହାୟତା, ନୂତନ ପଞ୍ଜିକରଣ ପତ୍ର ପଡି ରହିବା ଆଦି ଉପରେ ଜୋର ଦିଆଯାଇଥିଲା। ସେହିପରି କୋଭିଡ୍‌ସହାୟତା ୧୫୦୦ ଟଙ୍କାରୁ ବଂଚିତ ହୋଇଥିବା ଶ୍ରମିକଙ୍କୁ କିପରି ତାହା ମିଳିବ ତାହା ଉପରେ ଆଲୋଚନା ହୋଇଥିଲା। ଏହି ଅବସରରେ ସଂଗଠନର ନୂତନ କମିଟି ମଧ୍ୟ ଗଠନ ହୋଇଥିଲା। ଏଥିରେ ସର୍ବସମ୍ମତିକ୍ରମେ ସଭାପତି ଭାବେ ପ୍ରଫୁଲ୍ଲ କୁମାର ବେହେରା, ଉପ ସଭାପତି ଶିଶିର ମଲ୍ଲିକ, ସରୋଜ ପ୍ରଧାନ, କାର୍ଯ୍ୟକାରୀ ସଭାପତି ତ୍ରିନାଥ ବେହେରା, ସାଧାରଣ ସମ୍ପାଦକ କାହ୍ନୁ ଚରଣ ଦିଗାଲ, ଯୁଗ୍ମ ସମ୍ପାଦକ ସମୀର ଉଦ୍ଦିନ, ସହ ସମ୍ପାଦକ ଦ୍ୱିତିକୃଷ୍ଣ ମଲ୍ଲିକ, ସଙ୍ଗଠନ ସମ୍ପାଦକ ଅଜୟ କୁମାର ସେଠୀ, ଗୋପାଳ କୃଷ୍ଣ ବିଶୋଇ, କୋଷାଧକ୍ଷ ଉମେଶ ଭୋଇ, ସଦସ୍ୟ ଭାବେ ଫିଲିପ ଦିଗାଲ, ଦଣ୍ଡପାଣୀ ବେହେରା, ଦୁଃସାଶନ ବେହେରା, ଅନାମ ଚରଣ ବିଶିମାଝି, ଫିଲିସନ ପାଟମାଝି, ଗଜେନ୍ଦ୍ର ବେହେରା ପ୍ରମୁଖ ମନୋନୀତ ହୋଇଥିଲେ।


ନିର୍ମାଣ ଶ୍ରମିକ ସଙ୍ଗଠନର ନୂତନ କର୍ମକର୍ତ୍ତା।

# ୟୁକ୍ରେନ୍‌ରୁ ଫେରାଇ ଆଣିବା ଚିନ୍ତା

## ତଥ୍ୟ ସଂଗ୍ରହ କରୁଛି ଜିଲା ପ୍ରଶାସନ

ଛତ୍ରପୁର,୨୫।୨(ଡି.ଏନ.ଏ)

ରୁଷିଆ ଓ ୟୁକ୍ରେନ ମଧ୍ୟରେ ଯୁଦ୍ଧ ଚାଲିଛି। ୟୁକ୍ରେନରେ ବହୁ ଭାରତୀୟ ଫସି ରହିଛନ୍ତି। ସେଥିମଧ୍ୟରେ ଗଞ୍ଜାମ ଜିଲାର ମେଡିକାଲ ଛାତ୍ରୀଛାତ୍ର ଓ ଅନ୍ୟ କେତେଜଣ ମଧ୍ୟ ଅଛନ୍ତି। ସ୍ୱଦେଶକୁ ଫେରାଇ ନେବାକୁ ସେମାନେ ଗଣମାଧ୍ୟମ ଆଗରେ ପ୍ରଶାସନ ଓ ଓଡିଶା ସରକାରଙ୍କୁ ନିବେଦନ କରୁଛନ୍ତି। ପରିବାର ଲୋକେ ମଧ୍ୟ ତୁରନ୍ତ ଉଦ୍ଧାର ପାଇଁ ଅନୁରୋଧ କରୁଛନ୍ତି। ଅନ୍ୟପକ୍ଷରେ ଗଞ୍ଜାମ ଜିଲାର କେତେଜଣ ୟୁକ୍ରେନ୍‌ରେ ଫସିରହିଛନ୍ତି, ଜିଲା ପ୍ରଶାସନ ପକ୍ଷରୁ ସେମାନଙ୍କ ସମ୍ପର୍କରେ ତଥ୍ୟ ସଂଗ୍ରହ ନେଇ ଗୁରୁବାର ଠାରେ ଅଭିଯାନ ଆରମ୍ଭ ହୋଇଛି। ୨ ଦିନ ମଧ୍ୟରେ ଏହି ପ୍ରକ୍ରିୟା ସରିଯିବ ବୋଲି ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଶୁକ୍ରବାର ଖବରଦାତାମାନଙ୍କୁ ସୂଚନା ଦେଇଛନ୍ତି। ଜିଲାର ସମସ୍ତ ବିଡିଓ, ତହସିଲଦାର, ବ୍ରହ୍ମପୁର ମହାନଗର ନିଗମ କମିଶନର, ମ୍ୟୁନିସିପାଲିଟି ଓ ଏନଏସିର ନିର୍ବାହୀ ଅଧିକାରୀ, ଶ୍ରମ ଅଧିକାରୀମାନେ ଏହି ତଥ୍ୟ ସଂଗ୍ରହ ପ୍ରକ୍ରିୟାରେ ସାମିଲ ହୋଇଥିବା ଜିଲାପାଳ କହିଛନ୍ତି। ଏଥିସହ ସେମାନଙ୍କ ପରିବାର ସହ ଯୋଗାଯୋଗ କରିବାକୁ କୁହାଯାଇଛି। ଏପରିକି କେହି ୟୁକ୍ରେନ୍‌ରେ ଅଛନ୍ତି ତାଙ୍କ ସମ୍ପର୍କରେ ଆମକୁ ଜଣାଇବାକୁ ଜିଲାପାଳ ଜନସାଧାରଣଙ୍କୁ ଗଣମାଧ୍ୟମ ମାଧ୍ୟମରେ ଅନୁରୋଧ କରିଛନ୍ତି। ତାଙ୍କର କଣ ସମସ୍ୟା ଅଛି ସେ ସମ୍ପର୍କରେ ରାଜ୍ୟ ସରକାରଙ୍କୁ ଜଣାଇବେ ବୋଲି ଜିଲାପାଳ କହିଛନ୍ତି।

### ବିଜେଡିର ମିଶ୍ରଣପର୍ବ, ସାଙ୍ଗଠନିକ ବୈଠକ

ଗଞ୍ଜାମ,୨୫।୨(ଡି.ଏନ.ଏ.)

ଆସନ୍ତା ମାର୍ଚ୍ଚ ୨୪ରେ ଭୋଟ ଏବଂ ୨୬ରେ ଗଣତି ହେବ ବୋଲି ରାଜ୍ୟ ନିର୍ବାଚନ କମିଶନର ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏନେଇ ଗଞ୍ଜାମ ଏନ୍‌ଏସି ବିଜେଡି ପକ୍ଷରୁ ଗଞ୍ଜାମଠାରେ ଏକ ମିଶ୍ରଣ ପର୍ବ ସାଙ୍ଗକୁ ସାଙ୍ଗଠନିକ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ଏଥିରେ ୱାର୍ଡ ନଂ ୮ ର ବର୍ଷିଆନ କମ୍ୟୁନିଷ୍ଟ ନେତା ହରି ତରାଇ, ଚାଷୀ ସଙ୍ଗଠନ ନେତା ବୃନ୍ଦାବନ ସାହୁ, ଟ୍ରାକ୍ଟର ସଂଘ ଯୁବ ସଂଗଠକ କାର୍ତ୍ତିକ ତରାଇ, ବରିଷ୍ଠ ଆଇନଜୀବୀ ପଙ୍କଜ କୁମାର ବାରିକ, ୱାର୍ଡ ନଂ ୩ ବରିଷ୍ଠ ନାଗରିକ ଟୁନା ମହାପାତ୍ରଙ୍କ ସମେତ ବହୁ ନେତା ବିଜେଡିରେ ସାମିଲ ହୋଇଛନ୍ତି। କୌଣସି କାରଣରୁ ଦଳଠାରୁ ଦୂରେଇ ରହିଥିବା ୱାର୍ଡ ନଂ. ୪ ପୂର୍ବତନ କାଉନସିଲର ନିରଞ୍ଜନ ରାଉଳ ଘର ବାହୁଡା ହୋଇଛନ୍ତି। ତାଙ୍କୁ ବିଜେଡି ନେତୃବୃନ୍ଦ ଦଳୀୟ ଉପଢୌକନ ପ୍ରଦାନ କରି ସ୍ୱାଗତ କରିଥିଲେ। ଏଥିସହ ସେଠାରେ ଏକ ସାଙ୍ଗଠନିକ ବୈଠକ ପୂର୍ବତନ ଏନଏସି ଉପାଧ୍ୟକ୍ଷ ନୀଳାଞ୍ଚଳ ବାରିକିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଏନଏସି ଯୁବ ସଭାପତି ସୁଧୀର କୁମାର ପାଢ଼ୀ, ଛାତ୍ର ସଭାପତି ରାକେଶ ରଞ୍ଜନ ଦାସ, ଏନଏସି ପୂର୍ବତନ ଅଧକ୍ଷା ଉର୍ମିଳା ପଲାଇ, ପୂର୍ବତନ କାଉନସିଲର ଦଣ୍ଡପାଣି ପରିଡା, ପୂର୍ବତନ ନଗରପାଳ ପ୍ରକାଶ ଚନ୍ଦ୍ର ସାହୁ, ପୂର୍ବତନ ଏମ୍‌ପି ପ୍ରତିନିଧି ଗୌରୀ ଶଙ୍କର ବାରିକି, ନଗର ସଭାପତି ପି ରାଜୁ ରେଡ଼ି, ବିଜେଡି ଯୁବନେତା ମନୋଜ ପ୍ରଧାନ, ମହିଳା ସ୍ୱେଚ୍ଛାସେବୀ ସସ୍ମିତା ପାଢ଼ୀ, ମହିଳା ନାରୀ ନେତ୍ରୀ ମୀରାରାଣୀ ପାଢ଼ୀ, ଝିଲି ପାତ୍ର, ସୁଜାତା କୁମାରୀ ମହାନ୍ତି, ପୁଷ୍ପାଞ୍ଜଳି ଗୌଡ଼, ଯୁବ ସଂଗଠକ ଜିତୁ ପଣ୍ଡା, ସୀମାଞ୍ଚଳ ସାହୁ, ନିରଞ୍ଜନ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବିଜେଡି ଚେୟାରମ୍ୟାନ ଓ କାଉନସିଲର ଆଶାୟୀମାନଙ୍କୁ ୱାର୍ଡ ସ୍ତରରେ ଆବେଦନ ପତ୍ର ପ୍ରଦାନ କରାଯାଇଥିଲା। ଶନିବାର ଆବେଦନ ପତ୍ର ଫିଲପ କରି ଛାତ୍ର ସଭାପତି ରାକେଶ ରଞ୍ଜନ ଦାସଙ୍କୁ ପ୍ରଦାନ କରିବାକୁ ବୈଠକରେ ଆଲୋଚନା ହୋଇଥିଲା।

# କଡ଼ା ସୁରକ୍ଷା ବଳୟରେ ଭୋଟ୍‌ବାକ୍ସ


ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟରେ କରାଯାଇଥିବା ଷ୍ଟ୍ରଙ୍ଗରୁମ୍ ସମ୍ମୁଖରେ ପୋଲିସ ପହରା।

ଖଣ୍ଡପଡ଼ା,୨୫।୨(ସ୍ୱ.ପ୍ର.)

ଖଣ୍ଡପଡ଼ା ବ୍ଲକ ଅନ୍ତର୍ଗତ ୩ ଜିଲା ପରିଷଦ ଜୋନ୍ ମଧ୍ୟରେ ଥିବା ସମସ୍ତ ଭୋଟ ଗ୍ରହଣ କେନ୍ଦ୍ରର ଭୋଟ୍ ବାକ୍ସଗୁଡିକ ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ଶ୍ରେଣୀଗୃହ ଷ୍ଟ୍ରଙ୍ଗରୁମ୍‌ରେ ରଖାଯାଇଛି। ପ୍ରଶାସନ ପକ୍ଷରୁ ଉକ୍ତ ସ୍ଥାନରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ସମସ୍ତ ପ୍ରଶାସନିକ ଅଧିକାରୀ ଓ ପୋଲିସ ଉପସ୍ଥିତିରେ ଭୋଟବାକ୍ସଗୁଡିକ ଷ୍ଟ୍ରଙ୍ଗରୁମ୍ ଭିତରେ ରଖାଯିବା ପରେ ପୋଲିସ ୨୪ ଘଣ୍ଟିଆ ପ୍ରହରା ଦେଉଛି। ଷ୍ଟ୍ରଙ୍ଗରୁମ୍ ଭିତରେ ଓ ବାହାରେ ସିସିଟିଭି ଲଗାଯାଇଛି। ବିଦ୍ୟାଳୟ ପରିସରରେ ପୋଲିସ କର୍ମଚାରୀମାନେ ପଇଁତରା ମାରୁଥିବା ବେଳେ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିଥିବା ପ୍ରାର୍ଥିନୀ ଓ ପ୍ରାର୍ଥୀଙ୍କ ସମର୍ଥକମାନେ ବାହାରେ ଡେରା ପକାଇଛନ୍ତି। ଶନିବାର ଭୋଟ ଗଣତି କରାଯିବ ବୋଲି ଖଣ୍ଡପଡ଼ା ବ୍ଲକ ପ୍ରଶାସନ ସୂତ୍ରରୁ ଜଣାପଡ଼ିଛି।

# ବ୍ଲକ କର୍ମଚାରୀଙ୍କ ଆନ୍ଦୋଳନ ପ୍ରତ୍ୟାହୃତ

ପାତ୍ରପୁର,୨୫।୨(ଡି.ଏନ.ଏ.)

ତୁମ୍ବା ପଞ୍ଚାୟତ ଧାଡିଆମ୍ବ ଗ୍ରାମବାସୀ ବିଡିଓ ପ୍ରକାଶ ଚନ୍ଦ୍ର ଦାସଙ୍କୁ ଭୋଟର ଲିଷ୍ଟରେ ନାଁ ନ ଥିବା ପ୍ରତିବାଦରେ ବୁଧବାର ଅପହରଣ କରି ନେଇଥିଲେ। ଜଣେ ଉଚ୍ଚ ପ୍ରଶାସନ ଅଧିକାରୀଙ୍କୁ ଯଦି ଏଭଳି ହୁଏ, ଆଗାମୀ ଦିନରେ ତଳିଆ କର୍ମଚାରୀମାନେ କର୍ମକ୍ଷେତ୍ରରେ କିଭଳି ଚଳିବେ ଏଇଆ ଭାବି ବ୍ଲକରେ କାର୍ଯ୍ୟରତ ସମସ୍ତ କର୍ମଚାରୀ ଅଭିଯୁକ୍ତମାନଙ୍କୁ ଗିରଫ ଦାବି କରିବା ସହ କର୍ମଚାରୀଙ୍କ ସୁରକ୍ଷା ପ୍ରଦାନ ଦାବିରେ ଗୁରୁବାରଠାରୁ ବ୍ଲକ କାର୍ଯ୍ୟାଳୟ ଆଗରେ କଲମ ଛାଡ଼ ଆନ୍ଦୋଳନରେ ସାମିଲ ହୋଇ କାର୍ଯ୍ୟ ବନ୍ଦ କରିଥିଲେ। ଶୁକ୍ରବାର ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ବ୍ଲକ ଗସ୍ତରେ ଆସି ଧାରଣାରେ ବସିଥିବା କର୍ମଚାରୀଙ୍କୁ ବୁଝାଶୁଝା କରିଥିଲେ। ଆଗକୁ ଭୋଟ ଗଣତି ଥିବା ବେଳେ ଆନ୍ଦୋଳନ ପ୍ରତ୍ୟାହାର କରି କାର୍ଯ୍ୟରେ ଯୋଗ ଦେବାକୁ କହିଥିଲେ। କର୍ମଚାରୀଙ୍କ ପକ୍ଷରୁ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇ ଆନ୍ଦୋଳନ ପ୍ରତ୍ୟାହାର କରାଯାଇଥିଲା।

# ବିଦ୍ୟାଳୟ ପ୍ରତିଷ୍ଠାତା, ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତି ସ୍ଥାପନ

ଖଣ୍ଡପଡ଼ା,୨୫।୨ (ସ୍ୱ.ପ୍ର.)

ଖଣ୍ଡପଡ଼ା ସହରର ସର୍ବପୁରାତନ ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ପ୍ଲାଟିନମ୍ ଜୁବିଲି ମାର୍ଚ୍ଚ ୧୨ରେ ଅନୁଷ୍ଠିତ ହେବାର କାର୍ଯ୍ୟନିର୍ଘଣ୍ଟ କରାଯାଇଛି। ଏହି ଅବସରରେ ବିଦ୍ୟାଳୟ ପରିସରରେ ପ୍ରତିଷ୍ଠାତାଙ୍କ ସମେତ ୬ ମହାପୁରୁଷଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଛି। ବିଦ୍ୟାଳୟ ପ୍ଲାଟିନମ୍ ଜୁବିଲି କମିଟି ଓ ମୋ ସ୍କୁଲ ଅଭିଯାନ କାର୍ଯ୍ୟକ୍ରମ ସହଯୋଗରେ ପ୍ରାକ୍ତନ ରାଷ୍ଟ୍ରପତି ଡ. ସର୍ବପଲ୍ଲୀ ରାଧାକ୍ରିଷ୍ଣନ, ନେତାଜୀ ସୁଭାଷ ଚନ୍ଦ୍ର ବୋଷ, ଉତ୍କଳ ଘଣ୍ଟ ଯଦୁମଣି ମହାପାତ୍ର, ଉତ୍କଳମଣି ଗୋପବନ୍ଧୁ ଦାସ, ଉତ୍କଳ ଗୌରବ ମଧୁସୂଦନ ଦାସ, ଜ୍ୟୋର୍ତିର୍ବିଦ୍ ମହାମହୋପାଧ୍ୟାୟ ପଠାଣି ସାମନ୍ତଙ୍କ ପ୍ରତିମୂର୍ତ୍ତି ରହିଛି। ସେହିପରି ଖଣ୍ଡପଡ଼ା ରାଜପରିବାର ପକ୍ଷରୁ ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ପ୍ରତିଷ୍ଠାତା ରାଜା ହରିହର ସିଂହ ମର୍ଦ୍ଦରାଜ ଭ୍ରମରବର ରାୟଙ୍କ ଏକ ପୂର୍ଣ୍ଣ ଅବୟବ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଛି।


ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟରେ ନିର୍ମାଣ କରାଯାଇଥିବା ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତି।

# ଭାଜପା, ବିଜେଡି କର୍ମୀଙ୍କ ମଧ୍ୟରେ ଗୋଷ୍ଠୀ ସଂଘର୍ଷ

## ୫ ଗୁରୁତର, ମଙ୍ଗଳପୁରରେ ପୋଲିସ ମୁତୟନ

ଭଞ୍ଜନଗର,୨୫।୨(ଡି.ଏନ.ଏ)

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଭୋଟ ଗଣତି ପୂର୍ବରୁ ଶୁକ୍ରବାର ସନ୍ଧ୍ୟା ପ୍ରାୟ ସାଢ଼େ ୭ଟାରେ ଗଞ୍ଜାମ ଜିଲା ବେଲଗୁଣ୍ଠା ବ୍ଲକ ମଙ୍ଗଳପୁରରେ ଭାଜପା ଓ ବିଜେଡି ସମର୍ଥକଙ୍କ ମଧ୍ୟରେ ଗୋଷ୍ଠୀ ସଂଘର୍ଷ ହୋଇଛି। ଏଥିରେ ଉଭୟ ପକ୍ଷରୁ ୫ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଭାଜପା କର୍ମୀ ଦିବାକର ନାୟକ ଓ ସୁରେଶ ଆପଟ ଗୁରୁତର ହୋଇଛନ୍ତି। ଉଭୟଙ୍କୁ ଭଞ୍ଜନଗର ମେଡିକାଲରେ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ପଠାଯାଇଛି। ଭାଜପା କର୍ମୀ କସ୍ତୁରୀ ନାୟକ ମଧ୍ୟ ଆହତ ହୋଇଛନ୍ତି। ସେହିପରି ସେହିପରି ବିଜେଡିର ୨ ସମର୍ଥକଙ୍କୁ ଗୁରୁତର ଆହତ ଅବସ୍ଥାରେ ଉଦ୍ଧାର କରି ମେଡ଼ିକାଲକୁ ନିଆଯାଇଛି। ଖବର ଲେଖାଯିବା ସୁଦ୍ଧା ଗ୍ରାମରେ ଉତ୍ତେଜନା ଲାଗିରହିଛି। ବେଲଗୁଣ୍ଠା ପୋଲିସ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରୁଛି। ଗୁରୁବାର ସନ୍ଧ୍ୟାରେ ନିର୍ବାଚନକୁ ନେଇ ବିଜେଡ଼ି ଓ ଭାଜପା ସମର୍ଥକଙ୍କ ମଧ୍ୟରେ ପ୍ରଥମେ କଥା କଟାକଟି ହୋଇଥିଲା। ପରେ ଏହା ଗୋଷ୍ଠୀ ସଂଘର୍ଷର ରୂପ ନେଇଥିଲା।

# ବଳଦଟଣା ଲଘୁଧାନ ମଞ୍ଜିବୁଣା ଯନ୍ତ୍ର କ୍ଷେତ୍ର ପ୍ରଦର୍ଶନ

ଫୁଲବାଣୀ ଅଫିସ, ୨୫।୨

କନ୍ଧମାଳ ଜିଲା ରାଇକିଆ ବ୍ଲକ କରଡ଼ା ଗ୍ରାମରେ ବଳଦ ଟଣା ଚାରିଧାଡ଼ିଆ ଲଘୁଧାନ ମଞ୍ଜିବୁଣା ଯନ୍ତ୍ରର କ୍ଷେତ୍ର ପ୍ରଦର୍ଶନ କରାଯାଇଛି। ଜିଲା ମୁଖ୍ୟ କୃଷି ଅଧିକାରୀ ପ୍ରଶାନ୍ତ ଶତପଥୀ, କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ମୁଖ୍ୟ ଡ. ନାରାୟଣ ବାର, କୃଷି ଯାନ୍ତ୍ରିକ ବୈଜ୍ଞାନିକ ଇଂ. ସଂଘମିତ୍ରା ବିଶ୍ୱାଳ, ସହକାରୀ କୃଷି ଅଧିକାରୀ ସୁଦୀପ୍ତା ପ୍ରଧାନ, ସ୍ୱାତୀର ସଂଯୋଜକ ଗିରିଶ ଚନ୍ଦ୍ର ସାମଲ ଯୋଗଦେଇ ଲଘୁଧାନ ଚାଷରେ ଧାଡିବୁଣା ପାଇଁ ପ୍ରକଳ୍ପ ତରଫରୁ ବିକଶିତ ଓ ଓୟୁଏଟିର ବଳଦ ଟଣା ଚାରିଧାଡିଆ ଲଘୁଧାନ ମଞ୍ଜିବୁଣା ଯନ୍ତ୍ର ଦ୍ୱାରା ମାଣ୍ଡିଆ, ସୁଆଁ, କାଙ୍ଗୁ, ବାଜରା, ବିଲସୁଆଁ, ଜହ୍ନା ଆଦି ଶସ୍ୟ ଧାଡ଼ି ବୁଣାର କ୍ଷେତ୍ର ପ୍ରଦର୍ଶନ ଦେଖିଥିଲେ। ଗବେଷଣା ଯନ୍ତ୍ରୀ ପ୍ରଫେସର ସଂଗ୍ରାମ କେଶରୀ ସ୍ୱାଇଁ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଏହି ଯନ୍ତ୍ର ସାହାଯ୍ୟରେ ମଝିଆଳୀ ବଳଦ ଦ୍ୱାରା ପ୍ରାୟ ଚାରି ଘଣ୍ଟା ମଧ୍ୟରେ ଏକର ପିଛା ୨ କେଜି ହିସାବରେ ମଞ୍ଜି ବୁଣାଯାଇପାରିବ। ଯାନ୍ତ୍ରିକ ପ୍ରଣାଳୀରେ ଧାଡି ବୁଣା କରାଗଲେ ଛଟା ବୁଣା ତୁଳନାରେ ପ୍ରାୟ ଅଧା ବିହନରେ ଅର୍ଥାତ ଏକର ପିଛା ମାତ୍ର ୨ରୁ ୨.୫ କେଜି ବିହନରେ ମାଣ୍ଡିଆ, ସୁଆଁ, ଆଦି ଲଘୁଧାନା ଚାଷ କରାଯାଇ ପାରିବ। ଉତ୍ପାଦନ ମଧ୍ୟ ୨୦ ପ୍ରତିଶତ ଯାଏ ବଢିପାରିବ ବୋଲି ବିଶେଶଜ୍ଞମାନେ ମତ ରଖିଥିଲେ। ଓଡିଶା ମିଲେଟ ମିଶନ କାର୍ଯ୍ୟକ୍ରମ ଜରିଆରେ ରାଜ୍ୟର ୧୫ ଜିଲାରେ କ୍ଷୁଦ୍ର ଓ ନାମମାତ୍ର ଚାଷୀମାନଙ୍କୁ ଲଘୁଧାନ ଶସ୍ୟ ଚାଷ ପାଇଁ ଅନେକ ପ୍ରୋତ୍ସାହନ ଯୋଗାଇ ଦିଆଯାଉଛି। ସୂଚନାଯୋଗ୍ୟ, ଗତ ଖରିଫ ଋତୁରେ କନ୍ଧମାଳ ଜିଲାରେ ୫ ବ୍ଲକରେ ଲଘୁ ଧାନ ଚାଷରେ ଯାନ୍ତ୍ରିକ ପ୍ରଣାଳୀରେ ଧାଡ଼ି ବୁଣା ପାଇଁ ଅଗ୍ରଣୀ କ୍ଷେତ୍ର ପ୍ରଦର୍ଶନ କରାଯିବା ସହ ଅଞ୍ଚଳର ଚାଷୀମାନଙ୍କୁ ଅନଲାଇନ ତାଲିମ ଦିଆଯାଇଥିଲା।

### ୮୫, ୫୧୧ ଶିଶୁ ଖାଇବେ ପୋଲିଓ ବୁନ୍ଦା

ଫୁଲବାଣୀ ଅଫିସ,୨୫।୨

ଆସନ୍ତା ୨୭ରେ ଜାତୀୟ ପୋଲିଓ ଦିବସ ପାଳନ ହେବାକୁ ଯାଉଛି। ଏ ନେଇ କନ୍ଧମାଳ ଜିଲାପାଳଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଳିତ ଥର ଜିଲାରେ ମୋଟ ୮୫,୫୧୧ ଜଣ ୫ ବର୍ଷ ପର୍ଯ୍ୟନ୍ତ ଶିଶୁ ପୋଲିଓ ବୁନ୍ଦା ଖାଇବେ। ଏଥିପାଇଁ ଜିଲାରେ ୩୫୪ ବୁଥର ବ୍ୟବସ୍ଥା ହୋଇଛି। ଏଥିସହ ୩୪ ଟ୍ରାନ୍‌ଜିଟ ଟିମ୍ ବିଭିନ୍ନ ମେଳା, ହାଟ, ବସ୍ ଷ୍ଟାଣ୍ଡରେ ମୁତୟନ ହେବେ। ୨୩ ଭ୍ରାମ୍ୟମାଣ ଯାନ ବିଭିନ୍ନ ଅପହଞ୍ଚ ଇଲାକାରେ ପହଞ୍ଚି ଏହି ପୋଲିଓ ବୁନ୍ଦା ଶିଶୁମାନଙ୍କୁ ଦେବେ। ଆଗାମୀ ୨୮ ଓ ମାର୍ଚ୍ଚ ୧ ତାରିଖରେ ଘର ଘର ବୁଲି ତଦାରଖ କରାଯିବ। ବାକି ରହିଥିବା ଶିଶୁମାନଙ୍କୁ ଟିକାକରଣ କରାଯିବ। ଏଥିଲାଗି ୧୪୧୬ କର୍ମୀଙ୍କୁ ନିଯୁକ୍ତ କରାଯାଇଛି ବୋଲି ବୈଠକରେ ସୂଚନା ଦିଆଯାଇଛି। ଅନ୍ୟମାନଙ୍କ ବୈଠକରେ ଜିଲା ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୨୬ ଫେବୃୟାରୀ, ୨୦୨୨



# ସଂକ୍ଷେପରେ

## ରାସ୍ତାକଡ଼ରେ ପଡ଼ିଛନ୍ତି ଯୁବକ



**ନୟାଗଡ଼ ଅଫିସ,୨୫।୨:** ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ କରଡା ରଘୁନାଥ ବ୍ରାହ୍ମଣ ଶାସନ ଅଞ୍ଚଳର ଜଣେ ୩୦ବର୍ଷର ଯୁବକ ଶରଣକୁଳ-ନୟାଗଡ ରାସ୍ତା କଡରେ ପଡି ରହିଛନ୍ତି । ସେ ଭିକାରୀ ନୁହନ୍ତି। କିନ୍ତୁ ଯିଏ ଯାହା ଦେଲା ଖାଉଛନ୍ତି। କିନ୍ତୁ ଖାଇବାକୁ କାହାରିକୁ ମାଗୁ ନାହାନ୍ତି। ପଚାରିଲେ ନିଜ ନାଁ ଚିପିଲି, ବାପାଙ୍କ ନାଁ ବିଦ୍ୟାଧର କହୁଛନ୍ତି। ଘର ଢେଙ୍କାନାଳର କାନ୍ଦିଅନ୍ଧା କହୁଛନ୍ତି। ଏଭଳିସ୍ଥଳେ କେତେଜଣ ଲୋକ ତାଙ୍କୁ ପ୍ରଥମେ ଚୋର ବୋଲି ଭାବି ଥିଲେ। ତେବେ ଆଚାର ବ୍ୟବହାର ଦେଖି ପରେ ଖାଇବାକୁ ଦେଇ ଯୁବକ କିପରି ଘରକୁ ଫେରିବେ ସେ ନେଇ ଉଦ୍ୟମ ଆରମ୍ଭ କରିଛନ୍ତି।

## ପୌର ନିର୍ବାଚନ ଘୋଷଣାକୁ ବିରୋଧ

**ବ୍ରହ୍ମପୁର ଅଫିସ,୨୫।୨:** ରାଜ୍ୟ ସରକାର ତରବରିଆ ଭାବେ ପୌର ନିର୍ବାଚନ ତାରିଖ ଘୋଷଣା କରିଥିବାରୁ ବ୍ରହ୍ମପୁର ସହରତଳି ଅଞ୍ଚଳ ମିଳିତ କ୍ରିୟାନୁଷ୍ଠାନ କମିଟି କ୍ଷୋଭ ପ୍ରକାଶ କରିଛି। କମିଟି ପକ୍ଷରୁ କୁହାଯାଇଛି, ପଞ୍ଚାୟତ ନିର୍ବାଚନର ମତଦାନ ପ୍ରକ୍ରିୟା ସରିଥିଲେ ମଧ ଫଳାଫଳ ନ ଆସୁଣୁ ରାଜ୍ୟ ନିର୍ବାଚନ କମିଶନର ପୌର ଭୋଟ ପାଇଁ ତାରିଖ ଘୋଷଣା କରିଛନ୍ତି। ଏହା ଶାସକ ଦଳର ରାଜନୈତିକ ପ୍ରତିଦ୍ୱନ୍ଦ୍ୱୀକୁ ଚକମା ଦେବାଭଳି ପଦକ୍ଷେପ ବୋଲି କମିଟି ପ୍ରକାଶ କରିଛି। ଅନ୍ୟପଟେ ବ୍ରହ୍ମପୁର ମହନଗର ନିଗମରେ ସହରତଳି ଅଞ୍ଚଳକୁ ସାମିଲ କରିବା ନେଇ ଲୋକଙ୍କ ଦାବି ଓ ହାଇକୋର୍ଟଙ୍କ ସ୍ପଷ୍ଟ ନିର୍ଦ୍ଦେଶ ଥିବା ସତ୍ତ୍ୱେ ସରକାର ଏ ବାବଦରେ କୌଣସି ପଦକ୍ଷେପ ନେଇନାହାନ୍ତି। ସରକାର ବ୍ରହ୍ମପୁର ସହରତଳି ବାସିନ୍ଦାଙ୍କ ପ୍ରତି ଅବିଚାର କରୁଛନ୍ତି ବୋଲି କମିଟି ସଭାପତି ସଞ୍ଜୀବ କୁମାର ପଟ୍ଟନାୟକ କହିଛନ୍ତି। ସେହିପରି ମେୟର ପଦ ଅସାମ୍ବିଧାନିକ ଭାବେ ମହିଳାଙ୍କ ନିମନ୍ତେ ସଂରକ୍ଷଣ ରଖାଯାଇଥିବା ପ୍ରତିବାଦରେ ମାମଲା ମଧ ହାଇକୋର୍ଟରେ ବିଚାରାଧୀନ ରହିଛି। ରାଜ୍ୟର ଅନେକ ପୌରାଞ୍ଚଳର ବିଭିନ୍ନ ନିଷ୍ପତ୍ତି ବିରୋଧରେ କୋର୍ଟରେ ମାମଲା ବିଚାରାଧୀନ ରହିଛି। ଏସବୁ ସ୍ଥଳେ ରାଜ୍ୟ ସରକାର ପଞ୍ଚାୟତ ନିର୍ବାଚନର ମାହୋଲକୁ ବ୍ୟବହାର କରି ଫାଇଦା ନେବେ ବୋଲି କମିଟି ଅଭିଯୋଗ କରିଛି। ଅନ୍ୟପଟେ ସହର ତଳି ଅଞ୍ଚଳ ପ୍ରତି ସରକାରଙ୍କ ଅବିଚାର ବିରୋଧରେ ଓ ସହର ତଳି ବାଦ ଦେଇ ସରକାର ମହାନଗର ନିଗମ ନିର୍ବାଚନ ଅନୁଷ୍ଠିତ କରିବାକୁ ବାହାରିଥିବା ସହରତଳି ମିଳିତ କ୍ରିୟାନୁଷ୍ଠାନ କମିଟି କ୍ଷୋଭ ପ୍ରକାଶ କରିଛି। ଏଣୁ ପୌର ନିର୍ବାଚନ ନେଇ କମିଟି କେଉଁ ଆଭିମୁଖ୍ୟ ରଖିବ ସେ ନେଇ ଖୁବ ଶୀଘ୍ର ବୈଠକ କରାଯିବ ବୋଲି କମିଟି ପକ୍ଷରୁ କୁହାଯାଇଛି।

## କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

**ପାରଳାଖେମୁଣ୍ଡି,୨୫।୨(ଡି.ଏନ୍.ଏ.):** ଗୁମ୍ମା ବ୍ଲକ ସଦର ମହକୁମା ଗୁମ୍ମାଠାରେ ଶୁକ୍ରବାର ଏକ କ୍ରିକେଟ ଟୁର୍ଣ୍ଣାମେଣ୍ଟକୁ ପାରଳାଖେମୁଣ୍ଡି ବିଧାୟକ କେ.ନାରାୟଣ ରାଓ ଉଦ୍‌ଘାଟନ କରିଛନ୍ତି। ପ୍ରଥମ ଦିବସରେ ଖେଳ ଆରମ୍ଭ ପୂର୍ବରୁ ବିଧାୟକ ସମସ୍ତ ଖେଳାଳୀଙ୍କ ସହ ପରିଚିତ ହୋଇଥିଲେ। ଟୁର୍ଣ୍ଣାମେଣ୍ଟକୁ ମାରୁତି କ୍ରିକେଟ କ୍ଲବ ପରିଚାଳନା କରୁଥିବା ବେଳେ ବିଧାୟକ ସହଯୋଗ କରୁଛନ୍ତି।

# ବିଜୟ, ପରାଜୟ ପାଇଁ ଅଙ୍କକଷା: ଆଜି ଫଳାଫଳ

**ନୟାଗଡ଼ ଅଫିସ,୨୫।୨**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଶେଷ ହୋଇଛି। ରାତିପାହିଲେ ୨୬ ତାରିଖରୁ ୩ ଦିନ ଧରି ଭୋଟ ଗଣତି ହେବ। ଇତିମଧ୍ୟରେ ପାନ ଦୋକାନଠାରୁ ଆରମ୍ଭ କରି ସେଲୁନ୍ ପର୍ଯ୍ୟନ୍ତ ସବୁଠି ଚାଲିଛି ବିଜୟ ପରାଜୟକୁ ନେଇ ଅଙ୍କକଷା। କିଏ କହୁଛି ଏଥର ବିଜେଡି ପରାଜୟର ସ୍ୱାଦ ଚାଖିବ। ଭାଜପା ଦଖଲ କରିବ ଜିଲାପରିଷଦ ଅଧ୍ୟକ୍ଷ ପଦ। ଆଉ କିଏ ଯୁକ୍ତି ବାଢୁଛି ନିର୍ବାଚନର ପୂର୍ବ ରାତି ବଦଳାଇ ଦେଲା ସରକାରୀ ବିରୋଧୀ ହାୱା। ସବୁ ନିର୍ବାଚନରେ ସରକାରୀ ବିରୋଧୀ ହାୱା ବହୁଛି। ଏଥର ବି ବହିଛି। କିନ୍ତୁ ବିଜେଡି ପ୍ରାର୍ଥୀ ବିଜୟୀ ହୋଇ ଜିଲାପରିଷଦ ଅଧ୍ୟକ୍ଷକୁ ଦଖଲ କରିବେ। ପୁଣି ବ୍ଲକ ଅଧ୍ୟକ୍ଷ ପଦକୁ ବିଜେଡି ହାତେଇ ନେଉଛନ୍ତି। ଅଧିକାଂଶ ପଞ୍ଚାୟତରେ ବିଜେଡି ସମର୍ଥିତ ପ୍ରାର୍ଥୀ ବିଜୟୀ ହେବେ। ତେବେ ସବୁ ପ୍ରାର୍ଥୀଙ୍କ ହୃତ୍‌ସ୍ପନ୍ଦନ ବଢ଼ି ଯାଇଛି।

୨୪ ଜିଲା ପରିଷଦ ଜୋନ ପାଇଁ ୯୭ ପ୍ରାର୍ଥୀ ନିର୍ବାଚନ ମଇଦାନକୁ ଓହ୍ଲାଇଥିଲେ। ଖଣ୍ଡପଡ଼ା ବ୍ଲକର କେତେଗୋଟି ଜୋନକୁ ଛାଡିଦେଲେ ଅଧିକାଂଶ ଜୋନରେ ବିଜେଡି, ଭାଜପା ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଛି। ୨୪ ଜୋନରୁ ୧୩ ଓ ୬ ଜୋନରେ ୬ ଜଣ ଲେଖାଏ ପ୍ରାର୍ଥୀ ନିର୍ବାଚନ ଲଢୁଥିବାବେଳେ ୭, ୧୦, ୧୯ ଓ ୨୩ ନଂ. ଜୋନରେ ୫ଜଣ ଲେଖାଏ ପ୍ରାର୍ଥୀ ନିର୍ବାଚନ ମଇଦାନକୁ ଓହ୍ଲାଇଥିଲେ। ସେହିଭଳି ୨, ୩, ୫, ୬, ୮, ୧୧, ୧୬, ୧୭, ୧୮, ୨୦,୨୪ ନଂ. ଜୋନରେ ୪ଜଣ ଲେଖାଏ ପ୍ରାର୍ଥୀ ଓ ୧, ୪, ୯, ୧୨, ୧୪, ୧୫, ୨୧ ନଂ. ଜୋନରେ ୩ ଜଣ ଲେଖାଏ ପ୍ରାର୍ଥୀ ଅନୁରୂପ ଭାବେ ଲଢ଼େଇ କରିଥିଲେ। ୨୦୧୭ ପଞ୍ଚାୟତ ନିର୍ବାଚନରେ ରଣପୁର ନିର୍ବାଚନ ମଣ୍ଡଳୀର ୬ଟି ଜୋନ ମଧ୍ୟରୁ ୩, ୪, ୨୨ ଓ ୨୩ନଂ. ଜୋନ ଭାଜପା ଦଖଲରେ ଥିଲା। ଖଣ୍ଡପଡା ନିର୍ବାଚନମଣ୍ଡଳୀର ୬ନଂ. ଜୋନରେ ସ୍ୱାଧୀନ ପ୍ରାର୍ଥୀ ବିଜୟୀ ହୋଇଥିଲେ। ମୋଟାମୋଟି ଭାବେ ୨୪ ଜିଲା ପରିଷଦରୁ ୧୯ଟି ଜୋନ୍ ବିଜେଡି ଦଖଲରେ ଥିଲା। ବିଜେଡି ଦଖଲରେ ଜିଲା ପରିଷଦ ଅଧ୍ୟକ୍ଷ ପଦବୀ ରହିଥିଲା। ଏଭଳିସ୍ଥଳେ ୨୦୨୨ ପଞ୍ଚାୟତ ନିର୍ବାଚନରେ ନୟାଗଡ଼, ଦଶପଲ୍ଲା, ରଣପୁର ଓ ଖଣ୍ଡପଡ଼ା ନିର୍ବାଚନ ମଣ୍ଡଳୀରେ ଶାସକ ବିଜେଡି ବିରୋଧରେ ହାୱା ପ୍ରବାହିତ ହୋଇଥିଲା। ଜିଲାରେ ଫେବୃୟାରୀ ୧୬, ୧୮, ୨୦,୨୨ ଓ ୨୪ରେ ୫ ପର୍ଯ୍ୟାୟରେ ନିର୍ବାଚନ ହୋଇଥିଲା। ପ୍ରତି ସ୍ଥାନରେ ନିର୍ବାଚନ ପୂର୍ବରାତିରେ ସରକାରୀ ଦଳ ବିରୋଧରେ ପ୍ରବାହିତ ହାୱା ଥମି ଯାଇଥିଲା। ହାୱା ଥମିବାର କାରଣ ଯାହା ହେଉନା କାହିଁକି ଏଥର ନିର୍ବାଚନରେ ଭୋଟରଙ୍କୁ ପ୍ରଭାବିତ କରିବା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇଥିବା ଭାଜପା ଓ କଂଗ୍ରେସର ଅଧିକାଂଶ ପ୍ରାର୍ଥୀ ଅଭିଯୋଗ କରୁଛନ୍ତି। କିଏ ଜିତିବ ହାରିବ ଏବେ କହିବା ମୁସ୍କିଲ ବୋଲି କୁହାଯାଉଛି। ତେବେ ବିଜେଡି ୨୪ ଯାକ ଆସନ ଅକ୍ତିଆର କରିବ ବୋଲି କହୁଥିବାବେଳେ ଭାଜପା ଓ କଂଗ୍ରେସ ଭୋଟରଙ୍କ ଫଳାଫଳକୁ ଅପେକ୍ଷା କରିଛନ୍ତି। ଯଦି ବିଜେଡି ୨୪ଟି ଆସନରେ ବିଜୟୀ ହୁଏ ତେବେ ଭାଜପାର ଗଡ କୁହାଯାଉଥିବା ରଣପୁର ନିର୍ବାଚନମଣ୍ଡଳୀରେ ଭାଜପାର ଶକ୍ତି ହ୍ରାସ ହେବ। ଯଦି ଭାଜପା ପ୍ରାର୍ଥୀ ବିଜୟୀ ହୁଅନ୍ତି ତେବେ ସରକାରୀ ଦଳ ବିରୋଧରେ ପ୍ରବାହିତ ହାୱା ବଦଳିଲା ନାହିଁ ବୋଲି ଧରାଯିବ। ଅନ୍ୟପକ୍ଷେ ନୟାଗଡ଼ ଜିଲାରେ ଶାନ୍ତିଶୃଙ୍ଖଳାର ସହ ନିର୍ବାଚନ ଶେଷ ହୋଇଛି କହିଲେ ଠିକ୍‌ହେବ ନାହିଁ ବୋଲି ଅଧିକାଂଶ ଭୋଟର ମତ ରଖିଛନ୍ତି। ରଣପୁର ବ୍ଲକ ଚାନ୍ଦପୁର ଥାନା ରାଜଜଙ୍କିଆ ଗାଁରେ ନିର୍ବାଚନ ପରେ ବିବେକାନନ୍ଦ ରଣବିଜୁଳି(୨୪)ଙ୍କୁ ହତ୍ୟା। ନିର୍ବାଚନ ପୂର୍ବରାତିରେ ଖଣ୍ଡପଡା ଥାନା ବଡବୋଦସା ଗାଁରେ ପ୍ରଶାନ୍ତ କୁମାର ତାରେଣିଆ(୩୩)ଙ୍କୁ ହତ୍ୟା, ଭାପୁରର ଫତେଗଡ ଥାନା କଳଟାଙ୍ଗୀରେ କାର ଉପରକୁ ବୋମାମାଡ ଘଟିଯାଇଛି। ନୟାଗଡ଼ ବ୍ଲକ ହରିପୁରରେ ୨ ଜଣ ଗଣମାଧ୍ୟମ ପ୍ରତିନିଧି ଓ ଭାଜପା ପ୍ରାର୍ଥୀଙ୍କୁ ମାଡ ହୋଇଛି। ସେହିପରି ଏହି ବୁଥ୍‌ରେ ଭୋଟ ରିଗିଂ ହୋଇଛି। ରାଜନୈତିକ ବିଶ୍ଲେଷକମାନଙ୍କ ମତରେ କେଉଁ ପ୍ରାର୍ଥୀ ବିଜୟୀ ହେବେ କହିବା ମୁସ୍କିଲ। କାରଣ ଭୋଟର ବାରମ୍ବାର ଦିଗ ପରିବର୍ତ୍ତନ କରୁଛନ୍ତି। ନିର୍ବାଚନ ଶେଷ ପରେ ବି ଭୋଟର ଚୁପ। ଅନ୍ୟପକ୍ଷେ ଭୋଟ ପରେ ନିର୍ବାଚନ ଫଳ ପ୍ରକାଶ ପାଇବାରୁ ବଦଳି ରାଜନୀତିର ରୂପରେଖ ଦେଖାଯାଇଥିଲା। ଚଳିତବର୍ଷ ଫଳାଫଳ ଘୋଷଣା ହୋଇ ନ ଥିବାରୁ କିଛି ଜାଣି ହେଉନାହିଁ।

### ପ୍ରାର୍ଥୀଙ୍କ ହୃଦ୍‌ସ୍ପନ୍ଦନ ବଢ଼ିବାରେ ଲାଗିଛି

## ଯୁବକଙ୍କୁ ମରଣାନ୍ତକ ଆକ୍ରମଣ କରି ଟଙ୍କା ଲୁଟ୍



ଆହତ କାହ୍ନୁଚରଣ ମହାନ୍ତି।

**ଖଣ୍ଡପଡ଼ା, ୨୫।୨(ସ୍ୱ.ପ୍ର.)**

ଖଣ୍ଡପଡ଼ା ଥାନା ଅଧୀନ ଖଳିସାହି-କୋସକା ରାସ୍ତାର ସାତଗୋଛିଆ ନିକଟରେ ଶୁକ୍ରବାର ୫ରୁ ୬ଜଣ ଯୁବକ ଏକ ଧଳାରଙ୍ଗର କାର୍‌ରେ ଯାଉଥିବା କାହ୍ନୁଚରଣ ମହାନ୍ତି(୪୩)ଙ୍କୁ ଅଟକାଇ ନିସ୍ତୁକ ମାଡ଼ ମାରିଥିଲେ। ପରେ ଏକ ବନ୍ଧୁକ ଦେଖାଇ ୩ ହଜାର ଟଙ୍କା ଲୁଟି ନେଇଥିବା ଥାନାରେ ଅଭିଯୋଗ ହୋଇଛି। ଅପରାହ୍ଣ ୫ଟାରେ କାହ୍ନୁ ନିକଟସ୍ଥ ଗିରିଡ଼ିପଲ୍ଲୀ ଗ୍ରାମରୁ କାର୍ ଯୋଗେ ନିଜ ଗ୍ରାମ କିଆଝରକୁ ଫେରୁଥିଲେ। ରାସ୍ତାରେ ସାତଗୋଛିଆ ଗାଁର ସନ୍ତୋଷ ନାଏକ, ସୁଶା ନାୟକ, ଅକ୍ରୂର ନାଏକଙ୍କ ସମେତ ଅନ୍ୟ ସହଯୋଗୀ ତାଙ୍କ କାର୍‌କୁ ଅଟକାଇଥିଲେ। ଜଣେ ଯୁବକ ବନ୍ଧୁକ ଦେଖାଇ ୧୦ ହଜାର ଟଙ୍କା ମାଗିଥିବା ବେଳେ ଅନ୍ୟ ସମସ୍ତେ ଧମକ ଦେଇ ଖରାପ ଭାଷାରେ ଗାଳି କରି ହଠାତ୍ ଆକ୍ରମଣ କରିଥିଲେ। ଆକ୍ରମଣରେ କାହ୍ନୁଙ୍କ ମୁଣ୍ଡ ଫାଟିବା ସହ ନାକରୁ ରକ୍ତସ୍ରାବ ହୋଇଥିଲା। ଆକ୍ରମଣକାରୀମାନେ ଏଭଳି କାଣ୍ଡ ଘଟାଇ ଫେରାର ହୋଇଯାଇଥିଲେ।

# ୟୁକ୍ରେନ୍‌ରେ ଫସିଛନ୍ତି ଦୁଇ ଡାକ୍ତରୀ ଛାତ୍ର



ୟୁକ୍ରେନ୍‌ରେ ଥିବା ଦୁଇ ଡାକ୍ତରୀ ଛାତ୍ରଙ୍କୁ ଫେରାଇ ଆଣିବା ପାଇଁ ଜିଲାପାଳଙ୍କୁ ନିବେଦନ କରିବାକୁ ଆସିଥିବା ପରିବାର ସଦସ୍ୟ।

**ନୟାଗଡ଼ ଅଫିସ,୨୫।୨**

### ଶୀଘ୍ର ଘରକୁ ଫେରାଇବାକୁ ନିବେଦନ

ରୁଷିଆ ଓ ୟୁକ୍ରେନ୍ ମଧ୍ୟରେ ଗୁରୁବାରଠାରୁ ଯୁଦ୍ଧ ଆରମ୍ଭ ହୋଇଯାଇଛି। ଏଭଳି ସ୍ଥଳେ ନୟାଗଡ଼ ଜିଲାର ଦୁଇ ଡାକ୍ତରୀ ଛାତ୍ର ସେଠାରେ ଫସି ରହିଛନ୍ତି। ଓଡ଼ଗାଁ ବ୍ଲକ ଶରଣକୁଳ ଥାନା ପାଟୁଳିସାହି ଗାଁର ସୌରଜିତ୍ ଶ୍ରୀଚନ୍ଦନ ଓ ନୟାଗଡ଼ ବ୍ଲକ ନୟାଗଡ଼ ସଦର ଥାନା ନାଗମୁଣ୍ଡୁଳି ଗାଁର ଧର୍ମେନ୍ଦ୍ର ପ୍ରଧାନ ସେଠାରେ ଅଟକି ରହିଛନ୍ତି। ଉଭୟ ମାଉସୀ ପୁଅ ଭାଇ। ସୌରଜିତ୍ ଡାକ୍ତରୀ ପାଠପଢ଼ାର ଶେଷବର୍ଷର ଛାତ୍ର ଥିବାବେଳେ ଧର୍ମେନ୍ଦ୍ର ତୃତୀୟ ବର୍ଷ ଛାତ୍ର। ଶୁକ୍ରବାର ଉଭୟଙ୍କ ପରିବାର ନୟାଗଡ଼ ଅତିରିକ୍ତ ଜିଲାପାଳଙ୍କୁ ଭେଟି ୟୁକ୍ରେନ୍‌ରୁ ଦୁଇଜଣଙ୍କୁ ଶୀଘ୍ର ଫେରାଇ ଆଣିବାକୁ ନିବେଦନ କରିଛନ୍ତି। ଉଭୟ ଛାତ୍ର ପରିବାର ଲୋକଙ୍କୁ ଦେଇଥିବା ସୂଚନା ଅନୁସାରେ, ସେମାନେ ଏବେ ଏକ ବଙ୍କର ମଧ୍ୟରେ ଅଛନ୍ତି। ଆମେ ଶୀଘ୍ର ଘରକୁ ଫେରିବାକୁ ନିବେଦନ କରୁଛୁ। ଗୋଟିଏ ଦିନ ସେମାନଙ୍କ ପାଖରେ ଖାଇବା ଅଛି। ପରେ ହଇରାଣ ହେବୁ। ପୁଣି ଟେଲିଫୋନ ନେଟ୍‌ୱର୍କ ଆଗକୁ କାମ କରି ନ ପାରେ। ଘର ସହ ଆଉ କଥା ହେବା କଷ୍ଟକର ହେବ। ମିଶାଇଲ ମାଡ଼ ଚାଲୁ ରହିଛି। ରହିବାକୁ ଭୟ ଲାଗୁଛି।

# ସୁରକ୍ଷା ବଳୟରେ ଷ୍ଟ୍ରଙ୍ଗ୍‌ରୁମ୍

**ନୟାଗଡ଼ ଅଫିସ,୨୫।୨**

ପଞ୍ଚାୟତ ନିର୍ବାଚନ ଶେଷ ହୋଇଛି। ଏବେ ସମସ୍ତଙ୍କ ନଜର ଫଳାଫଳ ଉପରେ। ପୂର୍ବରୁ ଯେଉଁଦିନ ନିର୍ବାଚନ ହେଉଥିଲା ବୁଥ୍‌ରେ ଭୋଟ ଗଣତି ହୋଇ ଫଳାଫଳ ପ୍ରକାଶ ପାଉଥିଲା। ହେଲେ ଏଥର ବ୍ଲକ ହେଡ୍‌କ୍ୱାର୍ଟରରେ ଷ୍ଟ୍ରଙ୍ଗ୍‌ରୁମ୍ କରାଯାଇ ଭୋଟ ବାକ୍ସଗୁଡିକୁ ରଖାଯାଇଛି। ଏ ନେଇ ନୟାଗଡ଼ ଉପଜିଲାପାଳ ଲଗ୍ନଜିତ୍ ରାଉତ କୁହନ୍ତି, ନୟାଗଡ଼ରେ ୫ଟି ପର୍ଯ୍ୟାୟରେ ଭୋଟଗ୍ରହଣ ଶେଷ ହୋଇଛି।

ଭୋଟବାକ୍ସ ପ୍ରତି ବ୍ଲକର ଷ୍ଟ୍ରଙ୍ଗ୍‌ରୁମ୍‌ରେ ସୁରକ୍ଷା ବଳୟରେ ରହିଛି। ଶନିବାର ଜୋନ ଅନୁସାରେ ଗଣତି ହେବ। ପ୍ରଥମ ଦିବସରେ ବ୍ଲକର ପ୍ରଥମ ଜୋନ ଗଣତି ହେବ। ୩ ଦିନ ପର୍ଯ୍ୟନ୍ତ ଭୋଟ ଗଣତି ଚାଲିବ। ପ୍ରତି ବ୍ଲକରେ ପ୍ରତ୍ୟେକ ଜିଲା ପରିଷଦ ଜୋନ ପାଇଁ ସ୍ୱତନ୍ତ୍ର କାଉଣ୍ଟିଂ ହଲ କରାଯାଇଛି। କାଉଣ୍ଟିଂକୁ ପର୍ସନାଲ ଚୟନ କରାଯାଇ ତାଲିମ ଦିଆଯାଇଛି। ଶନିବାର ପୂର୍ବାହ୍ନରେ ୮ଟାରେ ଷ୍ଟ୍ରଙ୍ଗ୍‌ରୁମ୍ ଖୋଲାଯିବ। ଦୁଇ ସ୍ତରୀୟ ଯାଞ୍ଚ ପରେ ସମସ୍ତ କାଉଣ୍ଟିଂ ଏଜେଣ୍ଟମାନଙ୍କୁ ହଲକୁ ଛଡାଯିବେ। ଗଣତି ଶେଷ ପରେ ନିର୍ବାଚନ ଅଧିକାରୀ ଫଳ ଘୋଷଣା କରିବେ। ଏହାପରେ ଏକ ବିରତି ରହିବ। ବିରତିରେ ଆପତ୍ତି ଅଭିଯୋଗ କରିପାରିବେ। ଆପତ୍ତିର ବିଚାର ପରେ ପୁଣି ଥରେ ଗଣତି କରାଯାଇପାରେ। ପରେ ଫଳାଫଳ ଘୋଷଣା କରାଯିବ ବୋଲି ସେ କହିଛନ୍ତି।

## ଝୁଲନ୍ତା ମୃତଦେହ ଜବତ

**ଆସିକା,୨୫।୨(ଡି.ଏନ.ଏ)**

ଆସିକା-କବିସୂର୍ଯ୍ୟନଗର ମୁଖ୍ୟରାସ୍ତାର ବାଘୁଆ ଶଙ୍ଖ ନିକଟରେ ଏକ ଗଛରୁ ଜଣେ ବୟସ୍କ ବ୍ୟକ୍ତିଙ୍କ ଝୁଲନ୍ତା ମୃତଦେହ ଶୁକ୍ରବାର ପୋଲିସ ଜବତ କରିଛି। ଘଟଣା ସମ୍ପର୍କରେ ଖାରିଆ ସରପଞ୍ଚ ଅରବିନ୍ଦ ଲେଙ୍କା ଏତଲା କ୍ରମେ ସ୍ଥାନୀୟ ପୋଲିସ ନଂ. ୪/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ମୃତଦେହକୁ ଆସିକା ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଯାଇଥିବା ବେଳେ ମୃତକଙ୍କ ପରିଚୟ ମିଳିନଥିବା ଜଣାଯାଇଛି।

# ମହିଳା ମହାବିଦ୍ୟାଳୟରେ ଆଇନ ସଚେତନତା କାର୍ଯ୍ୟକ୍ରମ

**ଖଣ୍ଡପଡ଼ା,୨୫।୨(ସ୍ୱ.ପ୍ର.)**

ଖଣ୍ଡପଡ଼ା ସହରାଞ୍ଚଳସ୍ଥିତ ମହିଳା ମହାବିଦ୍ୟାଳୟ ପରିସରରେ ଶୁକ୍ରବାର ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ସଡ଼କ ଦୁର୍ଘଟଣାର କାରଣ ଓ ନିରାକରଣ ସମ୍ପର୍କିତ ଆଇନ ସହାୟତା ବ୍ୟବସ୍ଥା, ପୋକ୍‌ସୋ ଆଇନ ସମ୍ପର୍କିତ ସଚେତନତା ହୋଇଥିଲା। ଜିଲା ଆଇନସେବା ପ୍ରାଧିକରଣ ସଚିବ ବିଚାରପତି ବିଶେଷ କୁମାର ସାହୁ, ଆଇନଜୀବୀ ଗିରିଜା ଶଙ୍କର ତରାସିଆ, ଆଇନସେବା ପ୍ରାଧିକରଣର କର୍ମକର୍ତ୍ତାମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଉପସ୍ଥିତ ଛାତ୍ରୀମାନଙ୍କୁ ଏ ଦିଗରେ ଆଇନଗତ ପରାମର୍ଶ ଦେଇଥିଲେ।

ଆୟୋଜିତ କାର୍ଯ୍ୟକ୍ରମରେ ଯୁକ୍ତ ୨ କଳା ପ୍ରଥମ ବର୍ଷର ଶତାଧିକ ଛାତ୍ରୀ ଅଂଶଗ୍ରହଣ କରିଥିଲେ। ଅଧ୍ୟାପକ ଡ. ଅଜିତ୍ କୁମାର ବସନ୍ତରାୟ, ଅଧ୍ୟାପିକା ଜାହ୍ନବୀ ପଟ୍ଟନାୟକ, ବିଶ୍ୱଭାରତୀ ମହାରଣା ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।




ସଚେତନତା କାର୍ଯ୍ୟକ୍ରମରେ ଅତିଥି ଓ ଅନ୍ୟମାନେ।

## ୮୫, ୫୧୧ ଶିଶୁ ଖାଇବେ ପୋଲିଓ ବୁନ୍ଦା

**ଫୁଲବାଣୀ ଅଫିସ,୨୫।୨**

ଆସନ୍ତା ୨୭ରେ ଜାତୀୟ ପୋଲିଓ ଦିବସ ପାଳନ ହେବାକୁ ଯାଉଛି। ଏ ନେଇ କନ୍ଧମାଳ ଜିଲାପାଳଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଳିତ ଥର ଜିଲାରେ ମୋଟ ୮୫,୫୧୧ ଜଣ ୫ ବର୍ଷ ପର୍ଯ୍ୟନ୍ତ ଶିଶୁ ପୋଲିଓ ବୁନ୍ଦା ଖାଇବେ। ଏଥିପାଇଁ ଜିଲାରେ ୩୫୪ ବୁଥ୍‌ର ବ୍ୟବସ୍ଥା ହୋଇଛି । ଏଥିସହ ୩୪ ଟ୍ରାନ୍‌ଜିଟ ଟିମ୍ ବିଭିନ୍ନ ମେଳା, ହାଟ, ବସ୍ ଷ୍ଟାଣ୍ଡରେ ମୁତୟନ ହେବେ। ୨୩ ଭ୍ରାମ୍ୟମାଣ ଯାନ ବିଭିନ୍ନ ଅପହଞ୍ଚ ଇଲାକାରେ ପହଞ୍ଚି ଏହି ପୋଲିଓ ବୁନ୍ଦା ଶିଶୁମାନଙ୍କୁ ଦେବେ। ଆଗାମୀ ୨୮ ଓ ମାର୍ଚ୍ଚ ୧ ତାରିଖରେ ଘର ଘର ବୁଲି ତଦାରଖ କରାଯିବ। ବାକି ରହିଥିବା ଶିଶୁମାନଙ୍କୁ ଟିକାକରଣ କରାଯିବ। ଏଥିଲାଗି ୧୪୧୬ କର୍ମୀଙ୍କୁ ନିଯୁକ୍ତ କରାଯାଇଛି ବୋଲି ବୈଠକରେ ସୂଚନା ଦିଆଯାଇଛି। ଅନ୍ୟମାନଙ୍କ ବୈଠକରେ ଜିଲା ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ଚୋରି କରି ୩ ଅଭିଯୁକ୍ତ ଜେଲ ଗଲେ

**ନୟାଗଡ଼ ଅଫିସ,୨୫।୨**

ନୟାଗଡ଼ ଟାଉନ ଥାନା ରାଜବଗିଚାରେ ଚୋରି କରୁଥିବାବେଳେ ସହର ବାସିନ୍ଦା ଦୁର୍ବୃତ୍ତଙ୍କୁ ଧରି ମାରପିଟ୍ କରି ପୋଲିସ ଜିମା ଦେଇଛନ୍ତି। ପୋଲିସ ଭୁବନେଶ୍ୱର ବମିଖାଲ ଅଞ୍ଚଳର ସରୋଜ ମହାନ୍ତି ଓରଫ ଭାଲୁ(୪୪) ନାମକ ଦୁର୍ବୃତ୍ତଙ୍କୁ ଅଟକ ରଖି ପଚରାଉଚୁରା ପରେ ଚୋରି ଗୁମର ଖୋଲିଛି। ଚୋରି ଘଟଣାରେ ପୋଲିସ ନଂ. ୨୦/୨୨ରେ ମାମଲା ରୁଜୁ କରି ଇଟାମାଟି ଥାନା ବାଉଁଶିଆପଡ଼ାର ସଞ୍ଜୟ ମହାନ୍ତି(୩୪) ଓ ଭୁବନେଶ୍ୱର ଲକ୍ଷ୍ମୀସାଗର ଥାନାର ତୁଳସୀସାହି ବସ୍ତିର ସନ୍ତୋଷ ବେହେରା(୩୧)ଙ୍କୁ ମଧ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ପରେ ୩ ଅଭିଯୁକ୍ତଙ୍କୁ ନୟାଗଡ଼ ସବ୍‌ଜେଲକୁ ଶୁକ୍ରବାର ପଠାଇ ଦିଆଯାଇଛି। ୩ ଅଭିଯୁକ୍ତଙ୍କଠାରୁ ବାଇକ୍, ମୋବାଇଲ ଓ ଚୋରି ଉପକରଣ ପୋଲିସ ଜବତ କରିଛି। ପ୍ରାପ୍ତସୂଚନା ଅନୁସାରେ, ଭୁବନେଶ୍ୱର ବମିଖାଲ ଅଞ୍ଚଳର ସରୋଜ ନୟାଗଡ଼ର ପୁରୁଣାସହରରେ ରହି ଚୋରି କରି ପେଟ ପୋଷୁଥିଲେ। ବିଭିନ୍ନ ସମୟରେ ସରୋଜଙ୍କ ନାଁରେ ଚୋରି ଅଭିଯୋଗ ଆସିଛି। ସରୋଜ କେତେବେଳେ ଗ୍ୟାସ ଓ ବିଦ୍ୟୁତ୍ ମେକାନିକ କହି ଚୋରି କରୁଥିଲେ। ଆଉ କେତେବେଳେ ଶ୍ରମିକ ହୋଇ ଘରୁ ଚୋରି ପାଇଁ ଠିକଣା କରୁଥିଲେ। ସେ ନୟାଗଡ଼ ସହରର ବିଭିନ୍ନ ଲୋକଙ୍କ ଘରେ ପଶି ମୋବାଇଲ ଫୋନ, ସାଇକେଲ, ଗାଡିରୁ ତେଲ, ପାର୍ଟସ, ଗ୍ୟାସ ସିଲିଣ୍ଡର ପ୍ରଭୃତି ଘରୋଇ ଉପକରଣ ଚୋରାଇ ନେଉଥିଲେ। କିଛିଦିନ ତଳେ ରାଜବଗିଚାର ମାଣିକ ଚନ୍ଦ୍ର ସ୍ୱାଇଁଙ୍କ ଘରୁ ଠାକୁରଙ୍କ ପିତଳ ଥାଳି, ଢ଼ାଳ ଆଦି ଉପକରଣ ଚୋରାଇ ନେଇଥିଲେ। ଗୁରୁବାର ରାଜବଗିଚାର ଲକ୍ଷ୍ମୀଧର ପୃଷ୍ଟିଙ୍କ ଘରୁ ଗ୍ୟାସ ସିଲିଣ୍ଡର ଓ ଶାନ୍ତନୁ ସାହୁଙ୍କ ଘରୁ ସାଇକେଲ ଚୋରାଇ ନେଉଥିଲେ। ଏହି ସମୟରେ ସହରବାସୀ ସରୋଜଙ୍କୁ ଅଟକ ରଖି ଚୋରି ହୋଇଥିବା ଉପକରଣ ଜବତ କରିଥିଲେ। ପରେ ପୋଲିସ ଜିମା ଦେଇଥିଲେ।

# ବ୍ଲକ କର୍ମଚାରୀଙ୍କ ଆନ୍ଦୋଳନ ପ୍ରତ୍ୟାହୃତ

**ପାତ୍ରପୁର,୨୫।୨(ଡି.ଏନ.ଏ.)**

ତୁମ୍ବା ପଞ୍ଚାୟତ ଧାଡିଆମ୍ବ ଗ୍ରାମବାସୀ ବିଡିଓ ପ୍ରକାଶ ଚନ୍ଦ୍ର ଦାସଙ୍କୁ ଭୋଟର ଲିଷ୍ଟରେ ନାଁ ନ ଥିବା ପ୍ରତିବାଦରେ ବୁଧବାର ଅପହରଣ କରି ନେଇଥିଲେ। ବ୍ଲକରେ କାର୍ଯ୍ୟରତ ସମସ୍ତ କର୍ମଚାରୀ ଅଭିଯୁକ୍ତମାନଙ୍କୁ ଗିରଫ ଦାବି କରିବା ସହ ସେମାନଙ୍କ ସୁରକ୍ଷା ପ୍ରଦାନ ଦାବିରେ ଗୁରୁବାରଠାରୁ ବ୍ଲକ କାର୍ଯ୍ୟାଳୟ ଆଗରେ କଲମ ଛାଡ଼ ଆନ୍ଦୋଳନରେ ସାମିଲ ହୋଇ କାର୍ଯ୍ୟ ବନ୍ଦ କରିଥିଲେ। ଶୁକ୍ରବାର ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ବ୍ଲକ ଗସ୍ତରେ ଆସି ଧାରଣାରେ ବସିଥିବା କର୍ମଚାରୀଙ୍କୁ ବୁଝାଶୁଝା କରିଥିଲେ। ଆଗକୁ ଭୋଟ ଗଣତି ଥିବା ବେଳେ ଆନ୍ଦୋଳନ ପ୍ରତ୍ୟାହାର କରି କାର୍ଯ୍ୟରେ ଯୋଗ ଦେବାକୁ କହିଥିଲେ। କର୍ମଚାରୀଙ୍କ ପକ୍ଷରୁ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇ ଆନ୍ଦୋଳନ ପ୍ରତ୍ୟାହାର କରାଯାଇଥିଲା ।



ଆନ୍ଦୋଳନରତ କର୍ମଚାରୀଙ୍କୁ ଜିଲାପାଳ ବୁଝାଶୁଝା କରୁଛନ୍ତି।

# ଆଶାୟୀଙ୍କ ଟିକେଟ ପାଇଁ ଲବି ଜୋର୍ ଧରିଲା

## ବାଜିଲା ପୌର ନିର୍ବାଚନ ବିଗୁଲ

**ନୟାଗଡ଼ ଅଫିସ,୨୫।୨**

ପୌର ନିର୍ବାଚନ ବିଗୁଲ୍ ବାଜିଲା। ମାର୍ଚ୍ଚ ୨୪ରେ ହେବ ପୌର ଭୋଟ। ମାର୍ଚ୍ଚ ୨୬ରେ ହେବ ଗଣତି। ଏ ନେଇ ଫେବୃୟାରୀ ୨୮ରେ ବିଜ୍ଞପ୍ତି ପ୍ରକାଶ ପାଇବ। ଇଭିଏମ୍‌ରେ ଭୋଟ ଗ୍ରହଣ ହେବ। ପ୍ରତି ବୁଥ୍‌ରେ ୨ଟି ଇଭିଏମ୍ ରହିବ। ପୌର ନିର୍ବାଚନ ତାରିଖ ଘୋଷଣା ପରେ ନୟାଗଡ଼ ଜିଲାର ବିଭିନ୍ନ ସହରରେ ରାଜନୀତି ସରଗରମ ହୋଇ ଉଠିଛି। ପୌରାଧ୍ୟକ୍ଷ ନିର୍ବାଚନ ସିଧାସଳଖ ହେବାକୁ ଥିବାରୁ ପୌରାଧ୍ୟକ୍ଷ ଓ କାଉନସିଲର ପ୍ରାର୍ଥୀ ପାଇଁ ଲବି ଆରମ୍ଭ ହୋଇଯାଇଛି। ନିର୍ବାଚନ ବିଗୁଲ୍ ବାଜିବା ପରେ କେତେଜଣ ପୌରାଧ୍ୟକ୍ଷ ଓ କାଉନସିଲର ଆଶାୟୀ ପ୍ରାର୍ଥୀ ଶୁକ୍ରବାରଠାରୁ କ୍ଷେତ୍ର ପରିଭ୍ରମଣରେ ବାହାରି ଲୋକଙ୍କୁ ଭଲମନ୍ଦ ପଚାରିବା ଆରମ୍ଭ କରିଦେଇଛନ୍ତି। ପଞ୍ଚାୟତ ପରେ ଏବେ ପୌରାଞ୍ଚଳରେ ନେତାମାନଙ୍କ ମିଠାକଥା ଶୁଣିବାକୁ ମିଳୁଛି। ବିଜେଡି ଟିକେଟ ହାତେଇବାକୁ ଅନେକେ ଆଶାୟୀ ଅଛନ୍ତି। ଟିକେଟ ନ ମିଳିଲେ ଅନ୍ୟ ଦଳକୁ ଡେଇଁବା ଚକ୍କରରେ ଅନେକ ଆଶାୟୀ ରହିଛନ୍ତି, ଯେଉଁମାନେ ବିରୋଧୀ ଦଳର ନେତାଙ୍କ ସହ ଯୋଗାଯୋଗରେ ଅଛନ୍ତି। ଜିଲାରେ ନୟାଗଡ଼ ମ୍ୟୁନିସିପାଲିଟି ରହିଥିବାବେଳେ ଖଣ୍ଡପଡ଼ା, ଦଶପଲ୍ଲା, ରଣପୁର ଏବଂ ଓଡ଼ଗାଁ ଏନ୍‌ଏସି ରହିଛି। ୫ ସହରାଞ୍ଚଳରୁ ୪ଟିରେ ନିର୍ବାଚନ ହେବାକୁ ଥିବାବେଳେ କେବଳ ଓଡ଼ଗାଁରେ ହେବ ନାହିଁ। ଆଗକୁ ନିର୍ବାଚନ ଥିବାବେଳେ ନୟାଗଡ଼ ମ୍ୟୁନିସିପାଲିଟିରେ ଭୋଟର ତାଲିକାରେ ଚଞ୍ଚକତା ସାଧାରଣରେ ଅସନ୍ତୋଷ ସୃଷ୍ଟି କରିଛି। ଏହାର ସଂଶୋଧନ ନ ହେଲେ କଂଗ୍ରେସ ଆନ୍ଦୋଳନ କରିବ ବୋଲି ଧମକ ଦେଇଛି।

### ପରିବର୍ତ୍ତନର ବାର୍ତ୍ତା ଦେଇଥିଲା ନୟାଗଡ଼

୨୦୧୩ ନିର୍ବାଚନରେ ନୟାଗଡ଼ ସହର ଏନ୍‌ଏସି ଥିଲା। ସେତେବେଳେ ନୟାଗଡ଼ ସହରବାସୀ ପରିବର୍ତ୍ତନର ଦ୍ୱାହି ଦେଇ ବିଜେଡିକୁ ପରାସ୍ତ କରିଥିଲେ। ୧୩ଟି ୱାର୍ଡରୁ ୨, ୪, ୬, ୭, ୯, ୧୧, ୧୨ନଂ. ଏପରି ୭ଟି ୱାର୍ଡରେ କଂଗ୍ରେସ ବିଜୟୀ ହୋଇ ଗୁରୁପ୍ରସାଦ ଜେନା ଅଧ୍ୟକ୍ଷ ହୋଇଥିଲେ। ସେ ସମୟରେ ୧, ୩, ୫, ୮, ୧୩ ନଂ. ୱାର୍ଡ ବିଜେଡି ଜିତିଥିଲା। ୧୦ନଂ. ୱାର୍ଡରେ ବିଜେଡି ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ବିଜେଡି ଦଖଲରେ ୬ଜଣ କାଉନସିଲର ଥିଲେ। ତେବେ କଂଗ୍ରେସ ସଙ୍ଗଠନ ଦୁର୍ବଳ ହୋଇପଡିଥିଲା। ଫଳରେ ଗୁରୁପ୍ରସାଦ କୌଣସି ଉନ୍ନତିମୂଳକ କାର୍ଯ୍ୟ କରିପାରି ନ ଥିଲେ। ସହରରେ ଉନ୍ନୟନ କାର୍ଯ୍ୟ ଠପ୍ ହୋଇଯାଇଥିଲା। ପରେ ଗୁରୁପ୍ରସାଦ ନିଜ ସମର୍ଥିତ କାଉନ୍‌ସିଲରମାନଙ୍କୁ ନେଇ ବିଜେଡିରେ ୨୦୧୪ ଅକ୍ଟୋବରରେ ଯୋଗ ଦେଇଥିଲେ। ଏହାପରେ ନୟାଗଡ଼ ଏନ୍‌ଏସି ବିଜେଡି ଦଖଲକୁ ଚାଲିଯାଇଥିଲା। ଗୁରୁପ୍ରସାଦ ବିଜେଡିରେ ରହି ସହରର ଉନ୍ନୟନ କାର୍ଯ୍ୟ କରିଥିଲେ। ପରବର୍ତ୍ତୀ ସମୟରେ ଆଉ ନିର୍ବାଚନ ହୋଇନାହିଁ। ଏବେ ନୟାଗଡ଼ ସହରରେ କଂଗ୍ରେସର ଦବ୍‌ଦବା ରହିଛି। ଶାସକ ଦଳର ଦୁର୍ନୀତି, ଲୋକଙ୍କର ସୁବିଧା ଅସୁବିଧାକୁ ନେଇ କଂଗ୍ରେସ ଆନ୍ଦୋଳନ, ଧର୍ମଘଟ କରୁଛି। ବିଭିନ୍ନ ଘଟଣାରେ ସରକାର ଓ ପ୍ରଶାସନକୁ ସମାଲୋଚନା କରୁଛି। ଏଠାରେ ନିର୍ବାଚନ ହେଲେ ବିଜେଡି, ଭାଜପା ଓ କଂଗ୍ରେସ ମଧ୍ୟରେ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହୋଇପାରେ ବୋଲି ରାଜନୈତିକ ବିଶ୍ଲେଷକମାନେ କହୁଛନ୍ତି।